بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: 11

ସଂଖ୍ୟା: 23

ବାର୍ଷିକ ଦେୟ: 600/-

**ସମ୍ପାଦକ:**
କମ୍ରୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

17 ଜୁଲ୍ ହଜ୍ଜା, 1447 ହି.କ, 04 1405 ହି.ଶ, 04 June 2026 ମସିହା

www.akhbarbadr.in

### ଅଲ୍ଲାଃତାଲାଙ୍କ ବାଣୀ

**(ଈଶ୍ୱର ଚର୍ଚ୍ଚା ଓ ସନ୍ତୁଷ୍ଟ ହୃଦୟ)**

اَلَّذِيْنَ اٰمَنُوْا وَتَطْمَئِنُّ قُلُوْبُهُمْ بِذِكْرِ اللّٰهِ اَلَا بِذِكْرِ اللّٰهِ تَطْمَئِنُّ الْقُلُوْبُ ○

(ଅର୍ ରାଆଦ୍: 29)

ଅର୍ଥାତ୍ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ଯେଉଁମାନଙ୍କର ହୃଦୟ ଅଲ୍ଲାଃଙ୍କୁ ସ୍ମରଣ କରି ସନ୍ତୋଷ ଲାଭ କରେ ସେମାନଙ୍କୁ ହିଁ ଅଲ୍ଲାଃତାଲା ସତ୍‌ପଥ ପ୍ରଦର୍ଶନ (ଦେଖାଇ ଥାଆନ୍ତି) କରନ୍ତି । ସୁତରାଂ ମନେରଖ ! ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ ।

### ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ଆଁହଜରତ୍ ସ.ଅଙ୍କ ବାଣୀ

## ସମ୍ମାନସ୍ପଦ ସାହାବାମାନଙ୍କର ଅତୁଳନୀୟ ଉତ୍ସର୍ଗୀକୃତ ଜୀବନ

ହ. ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ଈଶ୍ୱର ଚର୍ଚ୍ଚା କରୁଥିବା ବ୍ୟକ୍ତି ଓ ଈଶ୍ୱର ଚର୍ଚ୍ଚା କରୁ ନଥିବା ବ୍ୟକ୍ତିର ଉଦାହରଣ ଜୀବିତ ଓ ମୃତ ବ୍ୟକ୍ତି ପରି । ଅର୍ଥାତ୍ ଯେଉଁ ବ୍ୟକ୍ତି ଈଶ୍ୱର ଚର୍ଚ୍ଚା କରିଥାଏ ସେହି ବ୍ୟକ୍ତି ଜୀବିତ ରହିଥାଏ ଏବଂ ଯେଉଁ ବ୍ୟକ୍ତି ଈଶ୍ୱର ଚର୍ଚ୍ଚା କରି ନଥାଏ ସେହି ବ୍ୟକ୍ତି ମୃତ ଅଟେ ।

ପୁନଶ୍ଚ ଆଉ ଏକ ବର୍ଣ୍ଣନା ରହିଛି ଯେ, ଆଁହଜରତ୍ ସ.ଅ କହିଲେ, "ଯେଉଁ ଘରେ ଈଶ୍ୱରଙ୍କ ଚର୍ଚ୍ଚା ହୋଇଥାଏ ଏବଂ ଯେଉଁ ଘରେ ଈଶ୍ୱର ଚର୍ଚ୍ଚା ହୋଇ ନଥାଏ ତାହାର ଉଦାହରଣ ଜୀବୀତ ଓ ମୃତ ବ୍ୟକ୍ତି ପରି ଅଟେ ।" **(ବୁଖାରୀ କିତାବୁଦ୍ ଦାୱାତ୍, ବାବ୍-ଫଜ୍‌ଲୁ ଜିକ୍ରୁଲ୍ଲାଃହି ତାଆଲା, ମୁସ୍‌ଲିମ୍-କିତାବୁସ୍ ସଲାତ୍, ବାବ୍- ଇସ୍ତିଯାବା ସଲାତୁନ୍ ନାଫିଲତ ଫି ବୈତିହି ଓ ଯୱାଜିହା ଫିଲ୍ ମସ୍‌ଜିଦ୍)**

ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଆଁହଜରତ୍ ସ.ଅ ଆମ ପାଖକୁ ଆସିଲେ ଏବଂ କହିଲେ, "ହେ ଲୋକମାନେ ! ତୁମମାନେ ସ୍ୱର୍ଗର ଉଦ୍ୟାନମାନଙ୍କରେ ବିଚରଣ (ବୁଲାବୁଲି) କରିବା ପାଇଁ ଉଦ୍ୟମ କର । ଆମେମାନ ଆଁହଜରତ୍ ସ.ଅଙ୍କୁ କହିଲୁ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସ୍ୱର୍ଗର ଉଦ୍ୟାନରୁ କ'ଣ ଯଥାର୍ଥ ଅଟେ ? ଆପଣ ସ.ଅ କହିଲେ, ସ୍ୱର୍ଗର ଉଦ୍ୟାନରୁ ଯଥାର୍ଥ ଚର୍ଚ୍ଚାର ଆସର (ସଭା ବା ମଜଲିସ୍) ଅଟେ। କାରଣ ଚର୍ଚ୍ଚାର ଆସର ସ୍ୱର୍ଗର ଉଦ୍ୟାନ ଅଟନ୍ତି । ଆପଣ ସ.ଅ ଏହା ମଧ କହିଲେ, ଯେ, ହେ ସାହାବାଗଣ ! ତୁମେମାନେ ସକାଳ ଏବଂ ସନ୍ଧ୍ୟା ସମୟରେ ବିଶେଷ କରି ଈଶ୍ୱର ଚର୍ଚ୍ଚା କର । ଯେଉଁ ବ୍ୟକ୍ତି ଏହା ଚାହେଁ ଯେ, ତାକୁ ମର୍ଯ୍ୟାଦାଜନିତ ଅବବୋଧ ପ୍ରାପ୍ତ ହେଉ ଅର୍ଥାତ୍ ଯେଉଁ ମର୍ଯ୍ୟାଦା ଅଲ୍ଲାଃତାଲାଙ୍କ ନିକଟରେ ରହିଛି, ତେବେ ସେହି ବ୍ୟକ୍ତି ଏହା ଦେଖୁ ଯେ, ଅଲ୍ଲାଃତାଲାଙ୍କ ସଂପର୍କରେ ତା' ମନରେ କେଉଁ ଧାରଣା ରହିଛି ? କାରଣ ଅଲ୍ଲାଃତାଲା ନିଜର ଭକ୍ତକୁ ସେହିପରି ମର୍ଯ୍ୟାଦା ପ୍ରଦାନ କରନ୍ତି ଯେପରି ଭକ୍ତର ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରତି ମର୍ଯ୍ୟାଦା ରହିଛି । ଅର୍ଥାତ୍ ଅଲ୍ଲାଃତାଲାଙ୍କ ପ୍ରତି ଭକ୍ତ ମନରେ ଯେତେ ଶ୍ରଦ୍ଧା ଭାବ, ଭକ୍ତି ଭାବ ଓ ଧର୍ମପରାୟଣତା ଭାବ ଥିବ ଅଲ୍ଲାଃତାଲା ମଧ ସେହିପରି ଭକ୍ତର ମୂଲ୍ୟକୁ ଉପଲବ୍ଧି କରି ଭକ୍ତକୁ ଗୁରୁତ୍ୱ ଦିଅନ୍ତି ଓ ଭକ୍ତକୁ ମର୍ଯ୍ୟାଦା ତଥା ସମ୍ମାନ ଜଣାନ୍ତି (ପ୍ରଦାନ କରନ୍ତି) । " **(କଶିରିୟାହ, ବାବୁଜ୍ ଜିକ୍ର, ପୃ-111) (ହଦିକତୁସ୍ ସାଲିହିନ୍, ହଦିସ୍ ନଂ-75-76)**

☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### ଅଲ୍ଲାଃଙ୍କ ଚର୍ଚ୍ଚା ଏପରି ଏକ ପ୍ରସଙ୍ଗ ଯାହା ହୃଦୟକୁ ସନ୍ତୋଷ ଲାଭ ପ୍ରଦାନ କିରଥାଏ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆଁହଜରତ୍ ସ.ଅଙ୍କୁ ଯେତେବେଳେ କୌଣସି ଦୁଃଖ କିମ୍ବା କଷ୍ଟ ପହଞ୍ଚୁଥିଲା ସେତେବେଳେ ଆପଣ ସ.ଅ ତୁରନ୍ତ ନମାଜ ପାଇଁ ଛିଡ଼ା ହୋଇ ଯାଉଥିଲେ ଏବଂ ଏଥି ନିମନ୍ତେ (ଦୁଃଖ କଷ୍ଟ ନିମନ୍ତେ) ଆପଣ ସ.ଅ କହିଲେ, اَلَا بِذِكْرِ اللّٰهِ تَطْمَئِنُّ الْقُلُوْبُ ମନେରଖ ! ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ ।"**(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-7, ପୃ-20, 1903 ମସିହା ମା ମାସ-31 ତାରିଖ, ପୃ-9)**

ପବିତ୍ର କୁରଆନ୍ କରୀମ୍‌ରୁ ଏହା ହିଁ ଜ୍ଞାତ ହୋଇଥାଏ ଯେ, ଅଲ୍ଲାଃତାଲାଙ୍କ ଚର୍ଚ୍ଚା ଏପରି ଏକ ପ୍ରସଙ୍ଗ ଯାହା ହୃଦୟକୁ ସନ୍ତୋଷ ଲାଭ ପ୍ରଦାନ କିରଥାଏ । ଯେପରିକି ଅଲ୍ଲାଃତାଲା କହିଲେ, اَلَا بِذِكْرِ اللّٰهِ تَطْمَئِنُّ الْقُلُوْبُ ଅତଏବ୍ ଅଲ୍ଲାଃତାଲା କହିଲେ, ହେ ମୁହମ୍ମଦ୍ ସ.ଅ ! ଯେତେଦୂର ସମ୍ଭବ ହୋଇ ପାରୁଛି ତୁମ୍ଭେ ଈଶ୍ୱର ଚର୍ଚ୍ଚା କରୁଥାଅ । କାରଣ ଏହା ଦ୍ୱାରା (ଈଶ୍ୱର୍ ଚର୍ଚ୍ଚା କରିବା ଦ୍ୱାରା) ମନୁଷ୍ୟକୁ ସନ୍ତୋଷ ଲାଭ ମିଳିବ । ହଁ ଏଥି ନିମନ୍ତେ ଧୈର୍ଯ୍ୟ ଏବଂ ପରିଶ୍ରମର ଆବଶ୍ୟକତା ରହିଛି । ଯଦି ମନୁଷ୍ୟ ଘାବରେଇ ଯାଇଥାଏ ଓ ଥକି ଯାଇଥାଏ ତେବେ ସେପରିପ୍ରେକ୍ଷୀରେ ଏହି ତୃପ୍ତି ଓ ସନ୍ତୋଷ ପ୍ରାପ୍ତ ହୋଇପାରିବ ନାହିଁ । **(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-9, ସଂଖ୍ୟା-26, 1905 ମସିହା, ଜୁଲାଇ ମାସ 10 ତାରିଖ, ପୃ-8)**

اَلَا بِذِكْرِ اللّٰهِ تَطْمَئِنُّ الْقُلُوْبُ ଉକ୍ତ ଆୟତ୍‌ର ସାଧାରଣ ଅର୍ଥ ତ' ଏହା ହିଁ ଯେ, ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । କିନ୍ତୁ ଏହାର ବାସ୍ତବତା ଏବଂ ଦାର୍ଶନିକତା ଏହିକି ଯେ, ଯେତେବେଳେ ମନୁଷ୍ୟ ପୂର୍ଣ୍ଣ ବିଶ୍ୱସ୍ତତା ଏବଂ ପୂର୍ଣ୍ଣ ନିଷ୍ଠାପରତାର ସହିତ ଅଲ୍ଲାଃତାଲାଙ୍କୁ ସ୍ମରଣ କରିଥାଏ ଏବଂ ପ୍ରତ୍ୟେକ ସମୟ ଏବଂ ପ୍ରତ୍ୟେକ ମୁହୂର୍ତ୍ତ ନିଜକୁ ତାହାଙ୍କ ସମ୍ମୁଖରେ ବିଶ୍ୱାସକାରୀ ଓ ବିଶ୍ୱସ୍ତ ରଖିଥାଏ । ତେବେ ଏହା ଦ୍ୱାରା ତା' ହୃଦୟ ଉପରେ ଈଶ୍ୱରଙ୍କ ଭୟ ସୃଷ୍ଟି ହୋଇଥାଏ । ସେହି ଭୟ ତା'କୁ ଘୃଣିତ ଓ ବର୍ଜିତ ପ୍ରସଙ୍ଗରୁ ରକ୍ଷା କରିଥାଏ ଏବଂ ମନୁଷ୍ୟ ଧର୍ମପରାୟଣତା ଓ ପବିତ୍ରତାରେ ଉନ୍ନତି କରିଥାଏ । ଏପର୍ଯ୍ୟନ୍ତକି ଅଲ୍ଲାଃତାଲାଙ୍କ ଦେବଦୂତମାନେ ସେହି ବ୍ୟକ୍ତି ଉପରେ ଅବତୀର୍ଣ୍ଣ ହୋଇଥାଆନ୍ତି ଏବଂ ସେମାନେ ସହି ବ୍ୟକ୍ତକୁ ଶୁଭ ସୂଚନା ପ୍ରଦାନ କରିଥାଆନ୍ତି ଏବଂ ଐଶୀବାଣୀର ଦ୍ୱାର ସେହି ବ୍ୟକ୍ତି ସକାଶେ ଉନ୍ମୁକ୍ତ କରାଯାଇଥାଏ, ସେତେବେଳେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଦେଖି ନେଇଥାଏ ଏବଂ ତାହାଙ୍କ ଅତିରିକ୍ତି ଅଲୌକିକ ଆଦୃଷ୍ଟ ଶକ୍ତିକୁ ଅବଲୋକନ କରି ନେଇଥାଏ । ପୁନଶ୍ଚ ସେହି ବ୍ୟକ୍ତିର ହୃଦୟରେ କୌଣସି ଦୁଃଖ ଏବଂ ସନ୍ତାପ ଆସିପାରିବ ନାହିଁ । ସ୍ୱଭାବ ସର୍ବଦା ଆନନ୍ଦ ଏବଂ ଉଲ୍ଲାସରେ ରହିଥାଏ । **(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-9, ସଂଖ୍ୟା-32, 1905 ମସିହା, ,ସେପ୍ଟେମ୍ବର ମାସ 10 ତାରିଖ, ପୃ-2) (ତ୍‌ଫ୍‌ସିର୍ ହ. ମସିହ୍ ମଉଦ୍ ଅ.ସ, ସଂଖ୍ୟା-2, ପୃ-91-92)**

☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ତୁମେମାନେ ଈଶ୍ୱରଙ୍କ ବିଶିଷ୍ଟ ଗୁଣାବଳୀର ଦର୍ପଣ ହୁଅ ଏବଂ ତାହାଙ୍କ ଦୟା ଏବଂ କରୁଣାମୂଳକ ଛତ୍ରଛାୟା ତଳେ ରହି ନିଜର ଜୀବନକୁ ଅତିବାହିତ କର ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ବକ୍‌ରାହ୍‌ର ଆୟତ୍ ସଂଖ୍ୟା 201ର ବ୍ୟାଖ୍ୟା କରି କୁହନ୍ତି: "ପୁଣି ଯେବେ ତୁମେମାନେ ନିଜର ଉପାସନା ଶେଷ କରିବ ଅତୀତରେ ଯେପରି ନିଜର ପିତୃ ପିତାମହମାନଙ୍କୁ ସ୍ମରଣ କରୁଥିଲ ସେହିପରି ଅଲ୍ଲାଃଙ୍କୁ ମଧ ତା' ଅପେକ୍ଷା ଅଧିକ ସ୍ମରଣ କର ଏବଂ ଲୋକମାନଙ୍କ ମଧ୍ୟରୁ କେତେକ କୁହନ୍ତି "ହେ ଆମମାନଙ୍କ ପାଳକର୍ତ୍ତା ! ଆମମାନଙ୍କୁ ଏହି ପୃଥିବୀରେ ହିଁ କଲ୍ୟାଣ ପ୍ରଦାନ କର ଓ ପରକାଳରେ ସେମାନଙ୍କର କୌଣସି ଭାଗ ରହି ନାହିଁ ।" ହୁଜୁର୍ ର.ଅ **(ଅବଶିଷ୍ଟାଂଶ...ପୃ-11ରେ)**



## ସମ୍ପାଦକୀୟ

## ଇସଲାମ୍ ଧର୍ମର ଦ୍ୱିତୀୟ ଯୁଗରେ ଦୁଆ ଓ ଈଶ୍ୱର ଚର୍ଚ୍ଚା ହେଉଛି ସବୁଠୁ ବଡ଼ ଅସ୍ତ୍ର

ଆଁହଜରତ୍ ସ.ଅ ଭବିଷ୍ୟବାଣୀ ସ୍ୱରୂପ ଏହା କହିଥିଲେ ଯେ, ପ୍ରତିଶୃତ ଅଙ୍ଗୀକୃତ ମେହଦୀ ଏବଂ ପ୍ରତିଶୃତ ମସିହ୍‌ଙ୍କ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ବିଜୟର ଜାଜୁଲ୍ୟମାନ ପ୍ରାମାଣ୍ୟ ଦୁଆ ଓ ଈଶ୍ୱର ଚର୍ଚ୍ଚା ମାଧ୍ୟମରେ ହିଁ ସମ୍ପାଦିତ ହେବ ଏବଂ ଏଥି ନିମନ୍ତେ ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସ ନିଜର ସମଗ୍ର ଜୀବନରେ ଜୋର୍ ଦେଇଛନ୍ତି ଏବଂ ଦୁଆ ତଥା ଈଶ୍ୱର ଚର୍ଚ୍ଚା ଉପରେ ଏପରି ଏକ ଆଧ୍ୟାତ୍ମିକ ଜ୍ଞାନ ଆପଣ ଛାଡ଼ିଛନ୍ତି ଯାହାର ଦୃଷ୍ଟାନ୍ତ ଆମେମାନେ ଦେଖାବାକୁ ପାଉ ନାହୁଁ । ଆପଣ ଅ.ସଙ୍କ ପରେ ବରିଷ୍ଠ ଖଲିଫାମେନ ସମୟେ ସମୟେ ଦୁଆ ଏବଂ ଈଶ୍ୱର ଚର୍ଚ୍ଚା ସଂପର୍କରେ ସାରଗର୍ଭକ ଆନ୍ତର୍ଜାତିକ ଆହ୍ୱାନ ଦେଇଛନ୍ତି । ଏହା ଦ୍ୱାରା ପୃଥିବୀ ବ୍ୟାପୀ ଆନ୍ତର୍ଜାତିକ ଜମାଅତ୍‌ମାନେ ଏହିସବୁ କାର୍ଯ୍ୟକ୍ରମରେ ଭାଗ ନେଇ ଆସିଛନ୍ତି ଏବଂ ଦୁଆ ଓ ଈଶ୍ୱର ଚର୍ଚ୍ଚା ଫଳରେ 115ରୁ ଉର୍ଦ୍ଧ୍ୱ କାଳ ଧରି ଜମାଅତ୍ ସେହି କଲ୍ୟାଣ ପ୍ରାପ୍ତ କରିଛି ଯାହାକୁ ଗଣ୍ୟ କରାଯାଇପାରିବ ନାହିଁ) । ପୁଣ୍ୟଶ୍ଳୋକ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଏଥି ସଂପର୍କରେ 1916 ମସିହାରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ଯହିଁରୁ ଈଶ୍ୱର ଚର୍ଚ୍ଚା ଏବଂ ଦୁଆର ମହତ୍ତ୍ୱ ସ୍ପଷ୍ଟ ହୋଇ ଯାଇଥାଏ ।

ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କର ଏହି ବିଶେଷତା ଦର୍ଶାଇଛନ୍ତି ଯେ, ଯେଉଁ ଜ୍ଞାନୀମାନେ ଠିଆ ହେବା, ବସିବା ଓ ଶୋଇବା ଅବସ୍ଥାରେ ଅଲ୍ଲାଃତାଲାଙ୍କୁ ସ୍ମରଣ କରନ୍ତି ଏବଂ ଆକାଶ ଓ ପୃଥିବୀର ସୃଷ୍ଟି ହେବା ବିଷୟରେ ଚିନ୍ତା। କରନ୍ତି ଏବଂ କୁହନ୍ତି ଯେ, ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଏହାକୁ ବୃଥାରେ (ଅଯଥା)ରେ ସୃଷ୍ଟି କରି ନାହଁ । ତୁମ୍ଭେ ଏପରି ନିରୁଦ୍ଦେଶ୍ୟ କାର୍ଯ୍ୟ କରିବାରୁ ପବିତ୍ର । ସୁତରାଂ ତୁମ୍ଭେ ଆମମାନଙ୍କୁ ନର୍କାଗ୍ନିର ଶାସ୍ତିରୁ ରକ୍ଷା କର ଏବଂ ଆମମାନଙ୍କ ଜୀବନକୁ ନିରୁଦ୍ଦେଶ୍ୟ ହେବାରୁ ରକ୍ଷା କର । **(ଆଲେ ଇମ୍ରାନ୍: 192)**

ଏହି ଲୋକମାନଙ୍କର ପୁରସ୍କାର ହେଉଛି ସେମାନଙ୍କ ପାଳନକର୍ତ୍ତାଙ୍କ ଠାରୁ କ୍ଷମା ଓ ଏପରି ଉଦ୍ୟାନ ଯାହାର ପାଦଦେଶରେ ଝରଣା ପ୍ରବାହିତ ହେଉଥିବ, ଯେଉଁଠାରେ କି ଏମାନେ ସର୍ବଦା ରହିବେ ଏବଂ ସତ୍‌କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କର ଏହି ପୁରସ୍କାର କେତେ ଭଲ ? **(ଆଲେ ଇମ୍ରାନ୍: 137)**

ପୁନଶ୍ଚ ଅଲ୍ଲାଃତାଲା କହିଲେ, ଅଲ୍ଲାଃତାଲା ଯେଉଁ ପୁରସ୍କାର ସେମାନଙ୍କ ଉପରେ କରିଛନ୍ତି ସେମାନେ ଅର୍ଥାତ୍ ପୁଣ୍ୟବାନ୍ ଭକ୍ତମାନେ ଅଲ୍ଲାଃତାଲାଙ୍କ ପୁରସ୍କାରକୁ ଦେଖି ବହୁଳ ରୂପେ ଈଶ୍ୱର ଚର୍ଚ୍ଚା କରିଥାଆନ୍ତି ।

ଅଲ୍ଲାଃତାଲା କହିଲେ, ଅଲ୍ଲାଃତାଲାଙ୍କ ଭକ୍ତମାନେ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରିବେ, ତାହାଙ୍କୁ ସ୍ମରଣ ରଖିବେ ତେବେ ଅଲ୍ଲାଃତାଲା ମଧ୍ୟ ସେମାନଙ୍କୁ ସ୍ମରଣ (ମନେ) ରଖିବେ। ଅଲ୍ଲାଃତାଲା କହିଲେ, ହେ ଭକ୍ତମାନେ ! ତୁମେମାନେ ଯଦି ମୋର ଚର୍ଚ୍ଚା କର ତେବେ ମୁଁ ତୁମମାନଙ୍କୁ ବିପତ୍ତି ଏବଂ ପରୀକ୍ଷା ସମୟରେ ମନେରଖିବି । ଅଲ୍ଲାଃତାଲା ନିଜର ପୁଣ୍ୟବାନ ଭକ୍ତମାନଙ୍କ ସଂପର୍କରେ କହିଲେ, ବାସ୍ତବରେ ଯେଉଁମାନେ ଧର୍ମଭୀରୁ ଯେତେବେଳେ ସଇତାନ୍ ତରଫରୁ କୌଣସି ମନ୍ ଭାବନା ସେମାନଙ୍କୁ ଆକ୍ରାନ୍ତ କରେ ସେତେବେଳେ ସେମାନେ ସତର୍କ ହୋଇ ଯାଆନ୍ତି ଏବଂ ସେମାନଙ୍କର ଆଖି ଖୋଲି ଯାଇଥାଏ । **(ଅଲ୍ ଆରାଫ୍: 202)**

ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: ଯେଉଁ ଲୋକମାନେ ଈଶ୍ୱର ଚର୍ଚ୍ଚା କରନ୍ତି ନାହିଁ ଏବଂ ଅବଚେତନ ଅବଲମ୍ବନ କରନ୍ତି, ସେହି ଲୋକମାନଙ୍କ ସଂପର୍କରେ ଅଲ୍ଲାଃତାଲା କହିଲେ, ସେମାନଙ୍କୁ ଧିକ୍କାର, ଯେଉଁମାନଙ୍କ ହୃଦୟ ଅଲ୍ଲାଃଙ୍କୁ ସ୍ମରଣ କରିବାରେ କଠିନତା ବୋଧ କରୁଅଛି ସେମାନେ ପ୍ରକାଶ୍ୟ ବିଭ୍ରାନ୍ତି ମଧ୍ୟରେ (ଲିପ୍ତ) ରହିଛନ୍ତି ।"

ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲେ: "ଯେଉଁ ବ୍ୟକ୍ତି ମୋର ଚର୍ଚ୍ଚାରୁ ବିମୁଖତା ତଥା ଅନାସକ୍ତ ତଥା ବିରକ୍ତ ଭାବ ପ୍ରଦର୍ଶନ କରିବ ତେବେ ମୁଁ ସେହି ବ୍ୟକ୍ତିକୁ ପାପୀ ସନ୍ତାନମାନଙ୍କ ମାଧ୍ୟମରେ ପରୀକ୍ଷାରେ ପକାଇବି ଓ ପରୀକ୍ଷା କରିବି । ସେହି ସନ୍ତାନମାନେ ବିଧର୍ମୀ ହେବେ, ସେମାନେ ସଂସାର ପ୍ରତି ଆସକ୍ତ ହେବେ ଓ ଈଶ୍ୱର ଚର୍ଚ୍ଚା ଠାରୁ (କରିବାରୁ) ସେମାନେ ଅବଚେତନ ହେବେ ।" **(ତଜ୍‌କିରାହ୍, ପୃ-382)**

ଆଁହଜରତ୍ ସ.ଅ ଈଶ୍ୱର ଚର୍ଚ୍ଚାକୁ ବୈକୁଣ୍ଠର ଉଦ୍ୟାନ ସହିତ ତୁଳନା କରିଛନ୍ତି ଏବଂ କହିଛନ୍ତି ଯେ, ଈଶ୍ୱର ଚର୍ଚ୍ଚା କରୁଥିବା ବ୍ୟକ୍ତି ଓ ଈଶ୍ୱର ଚର୍ଚ୍ଚା ନକରୁଥିବା ବ୍ୟକ୍ତିମାନଙ୍କର ଉଦାହରଣ ଜୀବିତ ଓ ମୃତ ବ୍ୟକ୍ତି ପରି ଅଟେ । ଅଲ୍ଲାଃତାଲା ପୁନଶ୍ଚ କହିଲେ, ଯେଉଁ ଘରେ ଈଶ୍ୱର ଚର୍ଚ୍ଚା ହୋଇଥାଏ ସେହି ଘର ସର୍ବଦା (ବସତିପୂର୍ଣ୍ଣ ଅର୍ଥାତ୍ ଜୀବିତ) ପରିପୂର୍ଣ୍ଣ ହୋଇଥାଏ । ସେହିପରି ଯେଉଁ ଘରେ ଈଶ୍ୱର ଚର୍ଚ୍ଚା ହୋଇ ନଥାଏ ଅର୍ଥାତ୍ ଈଶ୍ୱର ଚର୍ଚ୍ଚାରୁ ବଞ୍ଚିତ ଘର ଜନଶୂନ୍ୟ ହୋଇ ଯାଇଥାଏ । ତେଣୁ ଏହି କାରଣ ରହିଛି ଯେ, ଆଁହଜରତ୍ ସ.ଅ ମସ୍‌ଜିଦ୍ ବ୍ୟତୀତ ଘରମାନଙ୍କରେ ମଧ୍ୟ ନମାଜ୍ ପାଠ କରିବା। ଏବଂ ଈଶ୍ୱର ଚର୍ଚ୍ଚା କରିବାକୁ ତାଗିଦ୍ କରିଛନ୍ତି ।

ଅଲହମ୍‌ଦୁ ଲିଲ୍ଲାଃ (ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ) ଉପସ୍ଥିତ ଖଲିଫାମାନେ ପ୍ରାରମ୍ଭରୁ ହିଁ ଅହମଦିମାନଙ୍କୁ ସମୟେ ସମୟେ ଈଶ୍ୱର ଚର୍ଚ୍ଚା କରିବା। ଆଡ଼କୁ ଦୃଷ୍ଟି ଆକର୍ଷଣ କରିଛନ୍ତି । କେବଳ ସେତିକି ନୁହେଁ ବରଂ ଈଶ୍ୱର ଚର୍ଚ୍ଚାର ମୋଟାମୋଟି କାର୍ଯ୍ୟକ୍ରମ ଜମାଅତ୍ ସମ୍ମୁଖରେ ଉପସ୍ଥାପିତ କରିଥାଆନ୍ତି ଏବଂ ଅହମଦିୟା ଇତିହାସ ଉକ୍ତ କଥାର ସାକ୍ଷ୍ୟ ଯେ, ସେହି କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ଜମାଅତ୍ ପାପ ଠାରୁ ବିରକ୍ତ ଭାବ ପ୍ରକାଶ କରିଛି ଓ ପୁଣ୍ୟ ତଥା ସୁଖ ସମୃଦ୍ଧି ପ୍ରାପ୍ତ କରିଛି । ବିରୋଧର ପର୍ବତ ସେହି ଦୁଆ ମାଧ୍ୟମରେ ହିଁ ଖଣ୍ଡ ବିଖଣ୍ଡିତ ହୋଇଛି ଏବଂ ଜମାଅତ୍ ଆନ୍ତର୍ଜାତିକ ସ୍ତରରେ ଉନ୍ନତି ପ୍ରାପ୍ତ କରିଛି ।

ପ୍ରକୃତ ଚର୍ଚ୍ଚା ନମାଜ୍ ଅଟେ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: "اَقِمِ الصَّلٰوۃَ لِذِکۡرِیۡ **(ତା ହା: 15)** ଏବଂ ପବିତ୍ର କୁରଆନ୍ କରୀମ୍‌କୁ ମଧ୍ୟ ଈଶ୍ୱର ଚର୍ଚ୍ଚା ବୋଲି କହିଛନ୍ତି । ଯେପରିକି ଅଲ୍ଲାଃତାଲା କହିଲେ, اِنَّا نَحۡنُ نَزَّلۡنَا الذِّکۡرَ وَ اِنَّا لَهٗ لَحٰفِظُوۡنَ **(ଅଲ୍ ହଜର୍: 10)** ବାସ୍ତବରେ ଆମ୍ଭେମାନେ ହିଁ ଉକ୍ତ ଚର୍ଚ୍ଚାକୁ ଅବତୀର୍ଣ୍ଣ କରିଛନ୍ତି ଏବଂ ଆମ୍ଭେ ହିଁ ଏହାକୁ ରକ୍ଷା କରିବୁ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟୟନ କରିବା ଦ୍ୱାରା ଏହା ଜ୍ଞାତ ହୁଏ ଯେ, ଈଶ୍ୱରଙ୍କ ପୁଣ୍ୟବାନ୍ ଭକ୍ତମାନେ ଶୋଇବା, ଉଠିବା, ଯେକୌଣସି କାର୍ଯ୍ୟ କରୁଥିବା ସମୟରେ ଅଲ୍ଲାଃତାଲାଙ୍କର ଚର୍ଚ୍ଚା କରିଥାଆନ୍ତି ଓ ଆଁହଜରତ୍ ସ.ଅ କହିଲେ, ସର୍ବୋତ୍ତମ ଚର୍ଚ୍ଚା لَآ اِلٰهَ اِلَّا اللّٰهُ ଅଟେ । ଅର୍ଥାତ୍ ସର୍ବଶ୍ରେଷ୍ଠ ଚର୍ଚ୍ଚା ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ଓ ଉପାସ୍ୟ ହେବା ବୋଲି ବିବେଚିତ କରିବା ଅଟେ । ସେହିପରି ଈଶ୍ୱର ପ୍ରଶଂସା ସଂପର୍କରେ କହିଲେ, ଏହି ଦୁଇଟି ବାଣୀ ଅର୍ଥାତ୍ ଅଲ୍ଲାଃତାଲା ଏବଂ ଉପାସ୍ୟ ଯଦିଓ କହିବା ଦୃଷ୍ଟିରୁ ସହଜ ଅଟନ୍ତି ଏବଂ ହାଲୁକା ଅଟନ୍ତି । କିନ୍ତୁ ଈଶ୍ୱରଙ୍କ ନିକିତିରେ ଅତ୍ୟନ୍ତ ଓଜନିଆ ଅଟନ୍ତି । କାରଣ ଏହି ଦୁଇଟି ବାଣୀ ଅଲ୍ଲାଃତାଲାଙ୍କର ଅତି ପ୍ରିୟ ଅଟନ୍ତି ଓ ଏହା ଈଶ୍ୱର ଚର୍ଚ୍ଚାର ସ୍ୱୀକୃତ ହେବାର ମାଧ୍ୟମ ଅଟନ୍ତି ।"

ଏହି କାରଣ ରହିଛି ଯେ, ହ. ଅମୀରୁଲ୍ ମୁମିନିନ୍ ଅ.ବ ଆମ ଅହମଦିମାନଙ୍କୁ ମଧ୍ୟ ନିମ୍ନ ଲିଖିତ ଦୁଆ କରିବା ପ୍ରତି ଅନୁପ୍ରାଣିତ କରିଛନ୍ତି । ସେହି ଦୁଆଗୁଡ଼ିକ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସ୍ମରଣ କରାଇଦେବା ଉଦ୍ଦେଶ୍ୟରେ ଏଠାରେ ଉଲ୍ଲେଖ କରାଯାଉଛି ।

ଉକ୍ତ କଥୋପକଥନର ଶେଷରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପୁସ୍ତକ "**ଜିକ୍ରେ ଇଲାହୀ**" ଈଶ୍ୱର ଚର୍ଚ୍ଚାର ଉପକାରିତାର ସାରାଂଶ ଆପଣ ଅ.ସଙ୍କ କଲ୍ୟାଣମୟ ଲେଖନୀରୁ ଉପକୃତ ହୋଇ, ଏହି ଆଶା ରଖି ଉଲ୍ଲେଖ କରାଯାଉଛି ଯେ, ଅଲ୍ଲାଃତାଲା ଆମ ଅହମଦିମାନଙ୍କୁ ନିଜର ପ୍ରିୟ ଇମାମ୍‌ଙ୍କ ଈଶ୍ୱର ଚର୍ଚ୍ଚା କରିବା ସଂପର୍କରେ ଉକ୍ତ ପୁଣ୍ୟ ଆହ୍ୱାନରେ ନିୟମିତ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି : "ବର୍ତ୍ତମାନ ମୁଁ ଈଶ୍ୱର ଚର୍ଚ୍ଚାର କେତେକ ଉପକାରିତା ସଂପର୍କରେ କହି ଦେଉଛି "ଈଶ୍ୱର ଚର୍ଚ୍ଚା ଏବଂ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ଦ୍ୱାରା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ ହୋଇଥାଏ। ଈଶ୍ୱର ଚର୍ଚ୍ଚାର ଦ୍ୱିତୀୟ ଲାଭ ଏହିକି ଯେ, ଈଶ୍ୱର ଚର୍ଚ୍ଚା କରିବା ଦ୍ୱାରା ହୃଦୟକୁ ସନ୍ତୁଷ୍ଟି ପ୍ରାପ୍ତ ହୋଇଥାଏ । ଈଶ୍ୱର ଚର୍ଚ୍ଚାର ତୃତୀୟ ଲାଭ ଏହିକି ଯେ, ଈଶ୍ୱର ଭକ୍ତକୁ ନିଜର ବନ୍ଧୁ କରି ନେଇଥାଆନ୍ତି । ଈଶ୍ୱର ଚର୍ଚ୍ଚାର ଚତୁର୍ଥ ଲାଭ ଏହିକି ଯେ, ଈଶ୍ୱର ଚର୍ଚ୍ଚା କରୁଥିବା ବ୍ୟକ୍ତି ପାପ ଠାରୁ ଅଟକି ଯାଇଥାଏ । ଈଶ୍ୱର ଚର୍ଚ୍ଚାର ପଞ୍ଚମ ଲାଭ ଏହିକି ଯେ, ଈଶ୍ୱର ଚର୍ଚ୍ଚା କରିବା ଦ୍ୱାରା ହୃଦୟ ମଜ୍‌ଭୂତ୍ ହୋଇଥାଏ । ଈଶ୍ୱର ଚର୍ଚ୍ଚାର ଷଷ୍ଠ ଉପକାରିତା ହେଲା, ଈଶ୍ୱର ଚର୍ଚ୍ଚା କରୁଥିବା ବ୍ୟକ୍ତି ପ୍ରତ୍ୟେକ ଉଦ୍ଦେଶ୍ୟର ସଫଳ ହୋଇଥାଏ। କିନ୍ତୁ ସର୍ତ୍ତ ଏହିକି ଯେ, ବ୍ୟକ୍ତି ସତ୍‌ହୃଦୟ ହୋଇ ଈଶ୍ୱର ଚର୍ଚ୍ଚା କରିବା ଉଚିତ୍ । ତାହାହେଲେ ଯାଇ ସେ ନିଜ ଉଦ୍ଦେଶ୍ୟର ସଫଳ ହୋଇପାରିବ । ଈଶ୍ୱର ଚର୍ଚ୍ଚାର ସପ୍ତମ ଉପକାରିତା ହେଲା, ଈଶ୍ୱର ଚର୍ଚ୍ଚା କରୁଥିବା ବ୍ୟକ୍ତି ଉପରେ ପ୍ରଳୟ ଦିବସ ଦିନ ଈଶ୍ୱରଙ୍କ ଛତ୍ରଛାୟା ହେବ । ଈଶ୍ୱର ଚର୍ଚ୍ଚାର ଅଷ୍ଟମ ଉପକାରିତା ହେଲା, ଦୁଆ ଗ୍ରହଣ ହୋଇଥାଏ । ଈଶ୍ୱର ଚର୍ଚ୍ଚାର ନବମ ଉପକାରିତା ହେଲା, ଈଶ୍ୱର ଚର୍ଚ୍ଚା କରିବା ଦ୍ୱାରା ପାପ କ୍ଷମା ହୋଇ ଯାଇଥାଏ । ଈଶ୍ୱର ଚର୍ଚ୍ଚାର ଦଶମ ଉପକାରିତା ହେଲା, ଈଶ୍ୱର ଚର୍ଚ୍ଚା କରିବା ଦ୍ୱାରା ବୁଦ୍ଧି ପ୍ରଖର ହୋଇଥାଏ ଓ ଅଧ୍ୟାତ୍ମ ବିନ୍ଦୁ ଉନ୍ମୁକ୍ତ ହୋଇଥାଏ । ଈଶ୍ୱର ଚର୍ଚ୍ଚା କରିବାର ଏକାଦଶ ଉପକାରିତା ହେଲା, ଈଶ୍ୱର ଚର୍ଚ୍ଚା କରିବା ଦ୍ୱାରା ଧର୍ମପରାୟଣତା ସୃଷ୍ଟି ହୋଇଥାଏ । ଈଶ୍ୱର ଚର୍ଚ୍ଚାର ଦ୍ୱାଦଶ ଉପକାରିତା ହେଲା, ଈଶ୍ୱର ଚର୍ଚ୍ଚା କରିବା ଦ୍ୱାରା ଈଶ୍ୱରଙ୍କ ପ୍ରେମ ଭାବ ବୃଦ୍ଧି ପାଇଥାଏ ।"

ହୁଜୁର୍ ଅନ୍‌ଓ୍ୱର୍ ର.ଅ କହିଲେ: "ଏ ହେଉଛି ଈଶ୍ୱର ଚର୍ଚ୍ଚାର ଉପକାରିତା ଯାହାକୁ ମୁଁ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରିଦେଇଛି ଏବଂ ଦୁଆ କରୁଛି ଯେ, ଅଲ୍ଲାଃତାଲା ଆପଣମାନଙ୍କୁ ଓ ମୋତେ ମଧ୍ୟ ଈଶ୍ୱର ଚର୍ଚ୍ଚାରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।" **(ପ୍ରାମାଣ୍ୟ- ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-3, ସାରାଂଶ ପୃ-534-538)** ☆--☆--☆

**ଏତଦ୍ୱାରା ସମଗ୍ର ବିଶ୍ୱରେ ବାସ କରୁଥିବା ଅହମଦିମାନଙ୍କୁ ସ୍ମରଣ କରାଇ ଦେବା ନିମନ୍ତେ ଏକ ଜରୁରୀ ସୂଚନା !**

ନିଜର ପ୍ରିୟ ଇମାମ୍ ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର୍ ଅହମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ କଲ୍ୟାଣମୟ ଆଦେଶ ପାଳନରେ ନିଜକୁ ଆଧ୍ୟାତ୍ମିକ ଲୌହ ଦୁର୍ଗରେ ସୁରକ୍ଷିତ କରିବା ନିମନ୍ତେ କ'ଣ ଆପଣମାନେ ନିମ୍ନ ଲିଖିତ ଦୁଆ ଜପ କରିନେଇଛନ୍ତି ତ' ?

200 ଥର ଦୁରୁଦ୍ ଶରୀଫ୍

**ଅବଶିଷ୍ଟାଂଶ.........ପୃ-11ରେ**

(ଖୁତ୍‌ବା ଜୁମା)

**ସଂସାରର ପରିସ୍ଥିତି ନିମନ୍ତେ ଆପଣମାନେ ଦୁଆ କରନ୍ତୁ ବିଶେଷ କରି ମୁସ୍‌ଲିମ୍ ଜଗତ ନିମନ୍ତେ ଦୁଆ କରିବା ନିମନ୍ତେ ଆହ୍ୱାନ ।**

**ଆମମାନଙ୍କୁ ଏହି ଦୁଆ ମଧ୍ୟ କରିବା ଉଚିତ୍ ଯେ , ଅଲ୍ଲାଃତାଲା ମୁସଲମାନ ଜଗତ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍ ।**

**ଖୁତ୍‌ବା ଜୁମା 10 April 2026 ମସିହା ଅନୁଯାୟୀ ୧୦ ଶାହାଦତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ନିଜ ପ୍ରିୟ ମୁନିବଙ୍କ ଆଜ୍ଞାବହତ୍ୱରେ ପୁଣ୍ୟଶ୍ଳୋକୋ ହ. ମସିହ୍ ମଉଦ୍ ଅ.ସଙ୍କ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଉଦ୍ୟମ, ଆପଣ ଅ.ସଙ୍କ ବ୍ୟବହାରିକ ଉଦାହରଣ ଏବଂ ନିଜର ଅନୁଗାମୀମାନଙ୍କୁ ଉପଦେଶ ଦେବା ଓ କିଭଳି ସେମାନଙ୍କର ସଂସ୍କାର ଆପଣ ଅ.ସ କରୁଥିଲେ ? ଏହାର କେତେକ ଘଟଣାବଳୀ ମୁଁ ଉପସ୍ଥାପିତ କରିବି ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ କହୁଥିଲେ ଯ, ଜଣେ ବ୍ୟକ୍ତିର ପୁତ୍ର ସନ୍ତାନର ମୃତ୍ୟୁ ଘଟିଲା ଏବଂ ତା'ର ବନ୍ଧୁ ଶୋକ ସନ୍ତାପ ବ୍ୟକ୍ତ କରିବା ନିମନ୍ତେ ତା'ପାଖକୁ ଯେତେବେଳେ ଗଲା ସେତେବେଳେ ସେ ଚିତ୍କାର କରି କାନ୍ଦି ଉଠିଲା । ସେ ନିଜର ସାଙ୍ଗଙ୍କୁ କହିବାକୁ ଲାଗିଲା ଯେ, ଅଲ୍ଲାଃତାଲା ମୋ ଉପରେ ବଡ଼ ଅତ୍ୟାଚାର କରିଛନ୍ତି । ଅର୍ଥାତ୍ ତା' ଧାରଣାରେ ତା'ର ଅଧିକାର ଅଲ୍ଲାଃତାଲା ହଡ଼ପ୍ କରି ନେଇଥିଲେ ।" ହ. ମସିହ୍ ମଉଦ୍ ଅ.ସଙ୍କ ଉକ୍ତ କଥା କହି ଆପଣ ର.ଅ (ହ. ମୁସଲେହ୍ ମଉଦ୍ ର.ଅ) କୁହନ୍ତି: "କିନ୍ତୁ ଏହା ଭାବିବା ଉଚିତ୍ ଯେ, ସେହି ଅଧିକାରଟି କ'ଣ ଯାହା ଭକ୍ତ ଭଗବାନଙ୍କ ଉପରେ ସ୍ଥାପିତ (ପ୍ରଣୟନ) କରିଛି । ମୁଁ ସର୍ବଦା ଆଶ୍ଚର୍ଯ୍ୟ ଚକିତ ଯେ, ସେହି ଲୋକମାନେ ଯେଉଁମାନେ ନିଜର ନମାଜ୍, ରୋଜା, ଜକାତ୍, ହଜ୍, ଧର୍ମପରାୟଣତା, ପବିତ୍ରତା ଉପରେ ଗର୍ବ ପ୍ରକାଶ କିରଥାଆନ୍ତି । ସେମାନେ କୌଣସି କଷ୍ଟ ଅବସରରେ ଚେହିଁକି (ଚିତ୍କାର) କରି ଉଠନ୍ତି ଯେ, ଅଲ୍ଲାଃତାଲା ଆମ ପ୍ରତି ବଡ଼ ଅତ୍ୟାଚାର ଓ ଅନ୍ୟାୟ କରିଛନ୍ତି । କିନ୍ତୁ ଭାରତରେ ସେହି ମଦ୍ୟପ କବି ଯିଏ ଧର୍ମ ଠାରୁ ସଂପୂର୍ଣ୍ଣ ରୂପେ ଅବଚେତନ ଥିଲା ସେ ସତ୍ୟ ସମୟରେ ମଦ୍ୟପାନ ଅଭ୍ୟାସ ସତ୍ତ୍ୱେ ଈଶ୍ୱରଙ୍କ ଐଶୀବାଣୀ ତା' ମନରେ ଅବତୀର୍ଣ୍ଣ ହେବା ସମୟରେ କହି ଉଠିଥାଏ ଯେ,

"جان دی دی ہوئی اسی کی تھی
حق تو یہ ہے کہ حق ادا نہ ہوا

**( ଦୁନିୟାଁ ମେଁ ତରକ୍କି କରନେ କେ ଗୁର୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-12, ପୃ-311-312)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ମନୁଷ୍ୟକୁ ସର୍ବଦା ଏହା ଚିନ୍ତା କରିବା ଉଚିତ୍ ଯେ, ମନୁଷ୍ୟକୁ ଯେଉଁ ପୁରସ୍କାର, ଯେଉଁ ସନ୍ତାନ ମିଳିଛି ତାହା ଅଲ୍ଲାଃତାଲାଙ୍କ କୃପା ଯୋଗୁଁ ହିଁ ପ୍ରାପ୍ତ ହୋଇଛି । ଉକ୍ତ ପ୍ରସଙ୍ଗଟି ସେହି ବିଷୟବସ୍ତୁକୁ ଆଶା କରେ ଯେ, ଆମେମାନେ ସର୍ବଦା ଅଲ୍ଲାଃତାଲାଙ୍କ ସମ୍ମୁଖରେ ଆନତ ରହିବା ଉଚିତ୍, ତାହାଙ୍କ ଏକେଶ୍ୱରବାଦ ନିଜର ପ୍ରତ୍ୟେକ ଆଚରଣ ଓ ଉଚ୍ଚାରଣରେ ପରିପ୍ରକାଶ କରିବା ଉଚିତ୍ । କେବେ ବି ଆଂଶିକ ଶିର୍କର ସନ୍ଦେହ ନିଜ ମଧ୍ୟରେ ସୃଷ୍ଟି ହେବା ଉଚିତ୍ ନୁହଁ । ଆପଣମାନେ କେବେ ବି ଏହା ଭାବନ୍ତୁ ନାହିଁ ଯେ, ଅଲ୍ଲାଃତାଲାଙ୍କ ଉପରେ ଆମମାନଙ୍କର କୌଣସି ଅଧିକାର ରହିଛି । ଟିକିଏ ମାତ୍ର ଉପାସନା କରିବା ଦ୍ୱାରା କୌଣସି ଅଧିକାର ସମ୍ପାଦନ ହୋଇଯାଏ ନାହିଁ । ବରଂ ଆମେମାନେ ପ୍ରଭୁଙ୍କ ଉପାସନା ନିଜର ଲାଭ ସକାଶେ ହିଁ କରିଥାଉ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆପଣ ର.ଅ ଯେଉଁ କବିଙ୍କର ଚର୍ଚ୍ଚା କଲେ ସେ ଏହା ହିଁ କହିଥାଏ ଯେ, ଯଦିଓ ଅଲ୍ଲାଃତାଲା ହିଁ ଏହି ଜୀବନ ଦେଇଥିଲେ, ଏହି ସଂସାରରେ ସୃଷ୍ଟି କରିଥିଲେ ଏବଂ ଆମେମାନେ ଏହି ସଂସାରକୁ ଆସିଲୁ । କିନ୍ତୁ କୃତଜ୍ଞତା ଜ୍ଞାପନ କରିବାର ଯେଉଁ ଅଧିକାର ରହିଥିଲା, ଯେଉଁ ଅଧିକାର ଆମମାନଙ୍କୁ ସମ୍ପାଦନ କରିବାର ଥିଲା ତାହା ଆମେମାନେ ସମ୍ପାଦନ କରି ପାରିଲୁ ନାହିଁ ।

ହୁଜୁର୍ ଅନ୍‌ୱର ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ କନିଷ୍ଠ ସନ୍ତାନ ମୁବାରକ୍ ଅହମଦ ଥିଲା । ସେହି ସନ୍ତାନଙ୍କ ବିୟୋଗର ପ୍ରତିକ୍ରିୟାତ୍ମକ ଘଟଣା ବର୍ଣ୍ଣନା କରି କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ ମୁବାରକ୍ ଅହମଦ୍ ସାହେବଙ୍କୁ ବହୁତ ଭଲ ପାଉଥିଲେ ଏବଂ ତା'ର ଅସୁସ୍ଥତା ସମୟରେ ଆପଣ ସ.ଅ ଖୁବ୍ ସେବା ଶୁଶ୍ରୁଷା କରୁଥିଲେ । ତହିଁରୁ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କର ଏହି ଧାରଣା ରହିଥିଲା ଯେ, ଯଦି ମୁବାରକ୍ ଅହମଦ୍ ମୃତ୍ୟୁବରଣ କଲା ତେବେ ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ବ୍ୟଥିତ ଓ ମର୍ମାହତ ହେବେ । ହ. ଖଲିଫା ଅୱଲ୍ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁବାରକ୍ ଅହମଦର ନାଡ଼ି ଦେଖୁଥିଲେ ଏବଂ ଆପଣ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲେ, ହୁଜୁର୍ ! ଟିକିଏ ମୁଶ୍‌କ୍ ଆଣନ୍ତୁ । ଯେହେତୁ ପିଲାର ନାଡ଼ି ହ୍ରାସ ପାଇ ବନ୍ଦ ହେଉଥିଲା ତେଣୁ ଆପଣ ର.ଅଙ୍କ ମନରେ ଏହି ଧାରଣା ଆସିଲା ଯେ, ମୁବାରକ ଅହମଦର ବିୟୋଗ ଦ୍ୱାରା ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ମର୍ମାହ ହେବେ । ତେଣୁ ଉକ୍ତ କଥାଟିର ଅର୍ଥାତ୍ ମୁବାରକ୍ ଅହମଦର ବିୟୋଗର କଥା ହ. ଖଲିଫା ଅୱଲ୍ ର.ଅଙ୍କ ଉପରେ ଏପରି ଗଭୀର ପ୍ରଭାବ ପକାଇଲା ଯେ, ହ. ଖଲିଫା ଅୱଲ୍ ର.ଅ ଠିଆ ଠିଆ ଭୂମି ଉପରେ ପଡ଼ିଗଲେ । କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କୁ ଯେତେବେଳେ ଜ୍ଞାତ ହେଲା ଯେ, ମୁବାରକ୍ ଅହମଦର ମୃତ୍ୟୁ ଘଟିଛି ସେତେବେଳେ ଆପଣ ଅ.ସ ସେହି ମୁହୂର୍ତ୍ତରେ ହିଁ ଧୈର୍ଯ୍ୟର ସହିତ ଲୋକମାନଙ୍କୁ ପତ୍ର ଲେଖିବାକୁ ଲାଗିଲେ ଯେ, ମୁବାରକ୍ ଅହମଦର ମୃତ୍ୟୁ ଘଟିଛି । କିନ୍ତୁ ଆପଣମାନେ ଉକ୍ତ ଖବରକୁ ଶୁଣି ବିଚଳିତ ଏବଂ ଘାବରେଇବେ ନାହିଁ । ଏହା ଅଲ୍ଲାଃତାଲାଙ୍କ ଇଚ୍ଛା ଥିଲା ଯେଉଁ ଇଚ୍ଛା ଉପରେ ଆମମାନଙ୍କୁ ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ୍ । ପୁନଶ୍ଚ ଆପଣ ଅ.ସ ବାହରକୁ ଆସି ସ୍ମିତହାସ୍ୟ ପ୍ରକା କରି ଭାଷଣ ଦେବାକୁ ଲାଗିଲେ ଯେ, ମୁବାରକ ଅହମଦ ସଂପର୍କରେ ଈଶ୍ୱର ମୋ ଉପରେ ଯେଉଁ ଐଶୀବାଣୀ ଅବତୀର୍ଣ୍ଣ କରିଥିଲେ ତାହା ସଂପୂର୍ଣ୍ଣ ହେଲା । ଅତଏବ୍ ଇତ୍ୟବସରରେ ଆପଣ ଅ.ସଙ୍କର ଏକ କବିତା ମଧ୍ୟ ରହିଛି, ତାହା ଏହିପରି ଅଟେ ଯେ,

بلانے والا ہے سب سے پیارا
اسی پہ اے دل تو جاں فدا کر

**(ନଜାତ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-7, ପୃ-65-66)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ମୁସ୍‌ଲେହ୍ ମଉଦ୍ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ସଂପର୍କରେ ବର୍ଣ୍ଣନା କରି ଏକ ସ୍ଥାନରେ କୁହନ୍ତି: "ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଠାରୁ ଗୋଟେ କଥା ଶୁଣିଥିଲି ଯେ, ଆପଣ ଅ.ସ ତୁର୍କୀର ସମ୍ରାଟ୍ ଅବ୍‌ଦୁଲ୍ ହମିଦ୍ ଖାନ୍ ଯାହାଙ୍କୁ ପଦବୀରୁ ବହିଷ୍କୃତ କରାଯାଇଥାଲା, ତାହାଙ୍କ ଚର୍ଚ୍ଚା କରି ଆପଣ ଅ.ସ କହୁଥିଲେ ଯେ, ସୁଲତାନ୍ ଅବ୍‌ଦୁଲ୍ ହମିଦ୍ ଖାନ୍‌ର ଅନେକ କଥା ଭୁଲ୍ ଥିଲା କିନ୍ତୁ ତା'ର ଗୋଟେ କଥା ମୋତେ ବହୁତ ଭଲ ଲାଗେ ତାହା ଏହିପରି ଯେ, ଯେତେବେଳେ ୟୁନାନ୍ ସହିତ ଯୁଦ୍ଧର ପ୍ରଶ୍ନ ଉଠିଲା ସେତେବେଳେ ମନ୍ତ୍ରୀମାନେ ନାନା କ୍ଷମା ଯାଚନା ଉପସ୍ଥାପନ କରିଦେଲେ । ବାସ୍ତବରେ ସୁଲ୍‌ତାନ୍ ଅବ୍‌ଦୁଲ୍ ହମିଦ୍ ଖାନ୍‌ର ଏହି ଉଦ୍ଦେଶ୍ୟ ରିହିଛି ଯେ, ଯୁଦ୍ଧ ହେଉ । କିନ୍ତୁ ମନ୍ତ୍ରୀମାଙ୍କର ଏହି ଉଦ୍ଦେଶ୍ୟ ଥିଲା ଯେ, ଯୁଦ୍ଧ ନହେଉ । ପରିଶେଷରେ ସେମାନେ କହିଲେ, ଯେ, ହେ ସମ୍ରାଟ୍ ! ଯୁଦ୍ଧ ନିମନ୍ତେ ଅମକ ଜିନିଷ୍ ପ୍ରସ୍ତୁତ ଅଛି, ଆମେ ପ୍ରସ୍ତୁତ ଅଛୁ କିନ୍ତୁ ଏହି ଅଭାବ ରହିଛି। ତେଣୁ ସେହି ଅଭାବ ହେତୁ ଯୁଦ୍ଧ କରିବା ଅତ୍ୟନ୍ତ କଷ୍ଟଦାୟକ ଲାଗୁଛି । ଉଦାହରଣ ସ୍ୱରୂପ ସମସ୍ତ ଇଉରୋପୀୟ ଶକ୍ତିମାନେ ବର୍ତ୍ତମାନ ଉକ୍ତ କଥା ଉପରେ ଏକମତ ଅଟନ୍ତି ଯେ, ସେମାନେ ୟୁନାନ୍‌କୁ ସମର୍ଥନ ଜଣାଇବେ ଏବଂ ଏହାର ଆମମାନଙ୍କ ନିକଟରେ କୌଣସି ପ୍ରତିକାର ନାହିଁ । ହ. ମସିହ୍ ମଉଦ୍ ଅ.ସ କହୁଥିଲେ ଯେ, ଯେତେବେଳେ ମନ୍ତ୍ରୀମାନେ ନିଜର ପରାମର୍ଶ ଉପସ୍ଥାପିତ କଲେ ଏବଂ ସମସ୍ୟା ସଂପର୍କରେ କହିଲେ, ଯେ, ଅମକ ଜିନିଷର ବ୍ୟବସ୍ଥା ନାହିଁ, ସେତେବେଳେ ସମ୍ରାଟ ଅବ୍‌ଦୁଲ୍ ହମିଦ୍ ଉତ୍ତର ଦେଲା ଯେ, କିଛି ସ୍ଥାନ ଈଶ୍ୱରଙ୍କ ନିମନ୍ତେ ଛାଡ଼ିଦେବା ଉଚିତ୍ । ହ. ମସିହ୍ ମଉଦ୍ ଅ.ସ ସୁଲତାନ୍ ଅବ୍‌ଦୁଲ୍ ହମିଦ୍‌ର ଏହି ବାକ୍ୟରୁ ଆନନ୍ଦିତ ହେଉଥିଲେ ଏବଂ କହୁଥିଲେ ଯେ, ମୋତେ ତା'ର ଏହି କଥା ବହୁତ ଭଲ ଲାଗେ ଯେ, ସେ ଈଶ୍ୱରଙ୍କ ଉପରେ ବିଶ୍ୱାସ କଲା ।" **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-9, ପୃ-163-164, ନୂତନ ସଂସ୍କରଣ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକେଶ୍ୱରବାଦ ନିମନ୍ତେ ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱାଭିମାନର ଏକ ଘଟଣା ସଂପର୍କରେ ବର୍ଣ୍ଣନା କରି ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହମଦ ସାହେବ ଉଲ୍ଲେଖ କରନ୍ତି ଯେ, "କପୁର୍ ଥଲାର ମୁନ୍‌ସୀ ଜଫର୍ ଅହମଦ ସାହେବ ଲିଖିତ ମାଧ୍ୟମରେ ବର୍ଣ୍ଣନା କଲେ ଯେ, ହ. ମସିହ୍ ମଉଦ୍ ଅ.ସଙ୍କୁ ମୁଣ୍ଡବ୍ୟଥା ରୋଗ ଥିଲା । ମୁଣ୍ଡ ବ୍ୟଥା ସମସ୍ୟା ଥିଲା । ଜଣେ ଡାକ୍ତର ସଂପର୍କରେ ଆପଣ ଅ.ସଙ୍କୁ ଯେତେବେଳେ କୁହାଗଲା କି ହୁଜୁର୍ ! ଅମକ ଡାକ୍ତର ଜଣକ ଜଣେ ଅଭିଜ୍ଞ ଓ ଚିକିତ୍ସା ବିଷାରଦ ଅଟନ୍ତି । ଚିକିତ୍ସା କରିବାରେ ସିଦ୍ଧ ହସ୍ତ ଅଟନ୍ତି । ସେହି ଡାକ୍ତର ଜଣକ ମୁଣ୍ଡ ବ୍ୟଥାର ଚକିତ୍ସା କରିବାରେ ଅଭିଜ୍ଞ ଅଟନ୍ତି । ଅତଏବ୍ ସେହି ଡାକ୍ତରଙ୍କୁ ଡକାଗଲା, ଅର୍ଥାତ୍ ଗାଡ଼ି ଭଡ଼ା ଓ ଖର୍ଚ୍ଚ ଦେଇ ସେହି ଡାକ୍ତରଙ୍କୁ ଦୂରରୁ ଡକାଗଲା । ସେହି ଡାକ୍ତର ଜଣକ ହ. ସାହେବ ଅ.ସଙ୍କୁ ଦେଖିଲା ଏବଂ କହିଲା, ମୁଁ ଦୁଇ ଦିନ ଭିତରେ ଆପଣଙ୍କୁ ଠିକ୍ କରିଦେବି ଓ ଆପଣଙ୍କୁ ଆରାମ୍ ମିଳିବ । ଏଇଟା ତ' ଏମିତିକା ବଡ଼ କଥା ନୁହଁ। ଅର୍ଥାତ୍ ରୋଗଟା ଏତେ ଗମ୍ଭୀର ନୁହଁ । ମୁଁ ଦୁଇ ଦିନ ମଧ୍ୟରେ ଆପଣଙ୍କୁ ଠିକ୍ କରିଦେବି । ଏକଥା ଶୁଣି ହ. ସାହେବ ଅ.ସ ଭିତରକୁ ଚାଲିଗଲେ ଏବଂ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ ଉକ୍ତ ଘଟଣା ସଂପର୍କରେ ଲେଖିଲେ ଯେ, ମହୋଦୟ ! ମୁଁ ସେହି ବ୍ୟକ୍ତି ଠାରୁ ମୁଁ କଦାପି ନିଜର ଚିକିତ୍ସା କରାଇବାକୁ ଚାହୁଁ ନାହିଁ । ଏହି ଚିକିତ୍ସକ ଜଣକ ଈଶ୍ୱରତ୍ୱ ଦାବି କରୁଛି । ଏହି ଚିକିତ୍ସକୁ ତୁରନ୍ତ ଭଡ଼ା ପଇସା ଓ ଅତିରିକ୍ତ 25

ଟଙ୍କା ଦେଇ ପଠେଇ ଦେଇ ବିଦା କରିଦିଅ । ସୁତରାଂ ଏହିପରି ହିଁ କରାଗଲା ।"

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-2, ପୃ-38, ବର୍ଣ୍ଣନା ସଂଖ୍ୟା-1038)**

ସେହିପରି ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ସଂପର୍କରେ ବର୍ଣ୍ଣନା କରି କୁହନ୍ତି ଯେ, ହ. ମସିହ୍ ମଉଦ୍ ଅ.ସ କହୁଥିଲେ ଯେ, "ଯେଉଁମାନେ ଈଶ୍ୱରଙ୍କ ମର୍ଯ୍ୟାଦା ଏବଂ ତାହାଙ୍କ ଗାରିମା ସକାଶେ ଉତ୍ସାହିତ ଅଟନ୍ତି ସେହିମାନଙ୍କୁ ଅଲ୍ଲାଃତାଲା ଭଲ ପାଆନ୍ତି । ଏପରି ଲୋକମାନେ ଏକ ସୂକ୍ଷ୍ମ ମାର୍ଗ ଦେଇ ଯାଇଥାଆନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ସହିତ ଚାଲି ପାରିବ ନାହିଁ। ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ସକାଶେ ମନ ଧରେ ଉତ୍ସାହଜନିତ ଆବେଗ ସୃଷ୍ଟି ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟକୁ ଆନନ୍ଦ ପ୍ରାପ୍ତ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ବ୍ୟକ୍ତିର ହୃଦୟ ମଧ୍ୟରେ ଅଲ୍ଲାଃତାଲାଙ୍କ ସକାଶେ ବ୍ୟକ୍ତିଗତ ଉତ୍ସାହ ସୃଷ୍ଟି ହୋଇଯାଇ ନାହିଁ, ଅପବିତ୍ର ଆତ୍ମା ଏବଂ ନିଜର ସାଂସାରିକ ଲାଭର ଧାରଣରୁ ମନୁଷ୍ୟ ଶୂନ୍ୟ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତିର କୌଣସି ଉପାସନା ଏବଂ ସଦ୍‌କା (ଦାନ) ଗ୍ରହଣୀୟ ହୁଏ ନାହିଁ । ତେଣୁ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ନିଜ ମନ ଭିତରେ ଉତ୍ସାହ ପୋଷଣ କରେ ସେ ନିଜର ସମଜାତୀୟ ବସ୍ତୁ ଅର୍ଥାତ୍ ବ୍ୟକ୍ତି ଠାରୁ ଆଗକୁ ବଢି ଯାଇଥାଏ । ଏପରି ଲୋକମାନେ ଈଶ୍ୱରଙ୍କ ଠାରୁ କଲ୍ୟାଣ ପ୍ରାପ୍ତ କରିଥାଆନ୍ତି ।"

**(ଜିକ୍ରେ ହବିବ୍, ଲେଖକ-ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ, ପୃ-182)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଦୁଆ ସ୍ୱୀକୃତ ହେବା ନିମନ୍ତେ ଏହା ମଧ୍ୟ ଜରୁରୀ ଅଟେ ଯେ, ଏକେଶ୍ୱରବାଦ ଉପରେ ପୂର୍ଣ୍ଣ ବିଶ୍ୱାସ ରହିବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କ ଠାରୁ ତାହାଙ୍କର ପ୍ରେମ ପ୍ରାପ୍ତ କରିବା ନିମନ୍ତେ ସର୍ବ ପ୍ରଥମେ ଦୁଆ କରିବା ଉଚିତ୍ । ଯେଉଁ ଲୋକମାନେ ଉଲ୍ଲେଖ କରନ୍ତି ଯେ, ଆମେମାନେ ବହୁତ ଦୁଆ କରୁଛୁ, ଆମେମାନେ ଏହା କଲୁ ତାହା କଲୁ, ନଫିଲ୍ ନମାଜ୍ ପାଠ କଲୁ, ସଦ୍‌କା (ଦାନ ଧର୍ମ କଲୁ) କଲୁ କିନ୍ତୁ ଆମର ଦୁଆ ସ୍ୱୀକୃତ ହେଲା ନାହିଁ । ସେହି ଲୋକମାନେ ଟିକିଏ ଚିନ୍ତା କରନ୍ତୁ ଯେ, ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଏହି ପଥ୍ୟ ସଂପର୍କରେ କହିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୀର୍ଜା ବଶୀର୍ ଅହମଦ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନୀ ସଂପର୍କରେ ବର୍ଣ୍ଣନା କରି ଏକ ସ୍ଥାନରେ କୁହନ୍ତି ଯେ, ଈଶ୍ୱର ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କ ସେହି ପ୍ରେମକୁ ଏପରି ମର୍ଯ୍ୟାଦା ଏବଂ ସମ୍ମାନ ପ୍ରଦର୍ଶନ କରି ପୁରସ୍କୃତ କଲା ଯେ, ତାହା ଅସୀମ ଦୟାର ଅଧିକାରୀ ତଥା ତାହାଙ୍କ ଅଦୃଷ୍ଟାନ୍ତୀୟ ମର୍ଯ୍ୟାଦାର ପରିଚୟ ସମକକ୍ଷ ଅଟେ । ସୁତରାଂ ଆପଣ ଅ.ସଙ୍କୁ ସମ୍ବୋଧିତ କରି ଅଲ୍ଲାଃତାଲା କୁହନ୍ତି ଯେ, اَنْتَ مِنِّیْ بِمَنْزِلَةِ تَوْحِیْدِیْ وَتَفْرِیْدِیْ ۔ اَنْتَ مِنِّیْ بِمَنْزِلَةِ وَلَدِیْ ۔ اِنِّیْ مَعَكَ یَا ابْنَ رَسُوْلِ اللّٰهِ......."ଅର୍ଥାତ୍ ଯେହେତୁ ତୁମ୍ଭେ ଏହି କାଳରେ ଆମ୍ଭ ଏକେଶ୍ୱରବାଦର ଧ୍ୱଜବାହକ ଅଟ ଏବଂ ହଜି ଯାଇଥିବା ଏକେଶ୍ୱବାଦର ଖ୍ୟାତିକୁ ପୁନଃ ସଂସାରରେ ପ୍ରତିଷ୍ଠିତ ତଥା ସ୍ଥାପିତ କରୁଅଛୁ ତେଣୁ ହେ ମୁହମ୍ମଦଙ୍କର ମସିହ୍ ! ତୁମ୍ଭେ ମୋର ଏପରି ପ୍ରିୟ ଅଟ ଯେପରି ଏକେଶ୍ୱରବାଦ ଓ ଅଦ୍ୱିତୀୟବାଦ ମୋର ପ୍ରିୟ ଅଟନ୍ତି । ଯଦିଓ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମିଥ୍ୟା ଏବଂ ମିଥ୍ୟାରଚନା ସ୍ୱରୂପ ନିଜର ମସିହଙ୍କୁ ଈଶ୍ୱରଙ୍କର ପୁତ୍ର ରୂପେ ବରଣ କରିଛନ୍ତି ତେଣୁ ମୋର ସ୍ୱାଭିମାନ ଏହା ଚାହିଁଲା ଯେ, ମୁଁ ତୁମ୍ଭ ପ୍ରତି ଏପରି ପ୍ରେମ ପ୍ରଦର୍ଶନ କରିବି ଯାହା ସନ୍ତାନର ଅଧିକାର ହୋଇଥାଏ । କାରଣ ସଂସାର ସମ୍ମୁଖରେ ଏହା ପ୍ରକାଶିତ (ସ୍ପଷ୍ଟ) ହୋଇଯାଉ ଯେ, ମୁହମ୍ମଦ୍ ସ.ଅଙ୍କ ଶିଷ୍ୟମାନଙ୍କ ପର୍ଯ୍ୟନ୍ତ ଅତ୍‌ଫାଲୁଲ୍ଲାଃ (ଈଶ୍ୱରଙ୍କ ପୁତ୍ର) ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ପାରିବେ । ଯଦିଓ ତୁମ୍ଭେ ମୋର ପ୍ରିୟାବତାର ମୁହମ୍ମଦ୍ ସ.ଅଙ୍କ ଧର୍ମରେ ଦିନ ରାତି ନିମଗ୍ନ ଓ ତାହାଙ୍କ ପ୍ରେମରେ ନିଜକୁ ହଜାଇ ଦେଇଛ, ତେଣୁ ମୁଁ ତୁମ୍ଭକୁ ନିଜର ସେହି ପ୍ରିୟ ଆଧ୍ୟାତ୍ମିକ ପୁତ୍ର ସନ୍ତାନ ହିସାବରେ ନିଜର ଅକ୍ଷୟ ପ୍ରେମ ଓ ସାର୍ବକାଳୀନ ସାହଚର୍ଯ୍ୟତ୍ୱର ପଦକ ଦ୍ୱାରା ସମ୍ମାନିତ (ପୁରସ୍କୃତ) କରୁଛି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ସେହି ଐଶୀବାଣୀର ଅର୍ଥ ଯାହା ହ. ମସିହ୍ ମଉଦ୍ ଅ.ସଙ୍କୁ ହୋଇଥିଲା ଏବଂ ମୁଁ ସେହି ଐଶୀବାଣୀକୁ ଏଠାରେ ବର୍ତ୍ତମାନ ଉପସ୍ଥାପିତ କରିଛି । ଆପଣ ଅ.ସଙ୍କ ଜୀବନୀ ସଂପର୍କରେ ହିଁ ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଏକ ସ୍ଥାନରେ ଉଲ୍ଲେଖ କରନ୍ତି ଯେ: "ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣ ବା ଅଗମନର ସବୁଠୁ ବୃହତ୍ ଅଭିପ୍ରାୟ ଥିଲା ତାହା ଇସ୍‌ଲାମ୍ ଧର୍ମର ସେବା ଏବଂ ଏକେଶ୍ୱରବାଦ ସ୍ଥାପନ । ସାଂପ୍ରତିକ ଯୁଗରେ ପ୍ରକୃତ ଏକେଶ୍ୱରବାଦର ମୁକାବିଲା ଖ୍ରୀଷ୍ଟତ୍ୱ ସହିତ ରହିଛି । ସେତେବେଳେ ତ' ଥିଲା କିନ୍ତୁ ଆଜି ମଧ୍ୟ ରହିଛି। ଆଜି ମଧ୍ୟ ଏକେଶ୍ୱରବାଦର ଆଢୁଆଳରେ ଭୟଙ୍କର ଶିର୍କର ଶିକ୍ଷା ଖ୍ରୀଷ୍ଟ ଧର୍ମ ପ୍ରଦାନ କରିଥାଏ ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ନାଉଜୁବିଲ୍ଲାଃ (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) ଅଲ୍ଲାଃତାଲାଙ୍କ ପୁତ୍ର ବୋଲି ବିବେଚିତ କରି ଏକେଶ୍ୱରଙ୍କ ପାର୍ଶ୍ୱରେ ବସାଇଥାଆନ୍ତି। ତେଣୁ ହ. ମସିହ୍ ମଉଦ୍ ଅ.ସ ଖ୍ରୀଷ୍ଟ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଉତ୍ସାହିତ ଥିଲେ । ସେମିତି ବି ହଦିସ୍‌ରେ ଆପଣ ଅ.ସଙ୍କ ମସିହିୟତ୍‌ର ସବୁଠୁ ବଡ଼ କାର୍ଯ୍ୟ କସ୍ରେ ସଲିବ୍ (ଶୂଳୀ ଭାଙ୍ଗିବା) ଅର୍ଥାତ୍ ଖ୍ରୀଷ୍ଟ ଧର୍ମର ଶୂଳୀ ଜନିତ ଆସ୍ଥାକୁ ଭଙ୍ଗ କରିବା ବୋଲି ବର୍ଣ୍ଣିତ ହୋଇଛି । ତେଣୁ ଆପଣ ଅ.ସ ହ. ଇସା ଅ.ସଙ୍କ ବିୟୋଗ ଉପରେ ଗୁରୁତ୍ୱାରୋପ କରୁଥିଲେ। କାରଣ କେବଳ ଇସା ଅ.ସଙ୍କ ମୃତ୍ୟୁ କଥାଟି ଯଦି ପ୍ରମାଣିତ ହୋଇଯାଏ ତେବେ ଖ୍ରୀଷ୍ଟ ଧର୍ମର ଅନ୍ତ ଘଟିବ । ଅର୍ଥାତ୍ ଖ୍ରୀଷ୍ଟତ୍ୱ ଯୋଗୁଁ ନା ମସିହ୍ ଅ.ସଙ୍କ ଐଶ୍ୱରିକତା ବାକି ରହିବ ଓ ନା ହିଁ ତ୍ରିଦେବତ୍ୱର ନମ ଓ ଚିହ୍ନ ବର୍ଣ୍ଣ ମଧ୍ୟ ବାକି ରହିବ ନାହିଁ ।

ସେହିପରି କଫ୍ଫାରାର ପ୍ରସଙ୍ଗ ନିଜର ଚୁରଣ ଗୋଡ଼ରେ ଛିଡ଼ା ହୋଇ ରହିପାରିବ ନାହିଁ । ନିଃସନ୍ଦେହ ଯୀଶୁ ଖ୍ରୀଷ୍ଟଙ୍କ ଆତ୍ମା ସ୍ୱଭାବତଃ ହ. ମସିହ୍ ମଉଦ୍ ଅ.ସ ନିଜର ସତ୍ୟତାର ପ୍ରମାଣ ନିମନ୍ତେ ପ୍ରଥମ ପାହାଚ ଅଟେ । କିନ୍ତୁ ଉକ୍ତ ସମସ୍ୟା ତଥା ପ୍ରସଙ୍ଗର ପ୍ରକୃତ ମହତ୍ତ୍ୱ ଯଦ୍ୱାରାକି ହ. ମସିହ୍ ମଉଦ୍ ଅ.ସ ନିଜର ସତ୍ୟତା ଉପରେ ଅଧିକ ଜୋର ଦେଉଥିଲେ ତାହା ସାଂପ୍ରତିକ ଖ୍ରୀଷ୍ଟତ୍ୱର ଖଣ୍ଡନ ଅଟେ । ଏହି 'ଖଣ୍ଡନ' ଶବ୍ଦଟି ଏକ ହିନ୍ଦୀ ଶବ୍ଦ ଅଟେ । ଏହାର ଅର୍ଥ ରଦ୍ଦ କରିବା ଅଟେ । ତେଣୁ ଏହା ରଦ୍ଦ କରିବା ସହିତ ସଂଶ୍ଳିଷ୍ଟ ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେଣୁ ଆପଣ ଅ.ସ ଏହା କହୁଥିଲେ ଯେ, ତୁମେମାନେ ମସିହଙ୍କୁ ମରିବାକୁ ଦିଅ । କାରଣ ତହିଁରେ ଅର୍ଥାତ୍ ଯୀଶୁଙ୍କ ମୃତ୍ୟୁରେ ହିଁ ଇସ୍‌ଲାମ୍ ଧର୍ମର ଜୀବନ ରହିଛି........ଏପରି ହୁଅନ୍ତା କି ! ଆମମାନଙ୍କର ଅନ୍ୟ ମୁସଲମାନ ଭାଇମାନେ ମଧ୍ୟ ଉକ୍ତ ବିନ୍ଦୁକୁ ହୃଦୟଙ୍ଗମ କରି ଅନ୍ତତଃ ମସିହିୟତ୍ ବିପକ୍ଷରେ ଆମକୁ ସମର୍ଥନ ଜଣାନ୍ତେ । ହ. ମସିହ୍ ମଉଦ୍ ଅ.ସଙ୍କ ଦାବିକୁ ମାନିବା ନମାନିବା ଅନ୍ୟ କଥା ଅଟେ । କିନ୍ତୁ ଏଠାରେ ଅନ୍ତତଃ ଏହା ସ୍ୱୀକାର କରି ନିଆଯାଉ ଯେ, ଯେଉଁଠି ଇସ୍‌ଲାମ୍ ଧର୍ମର ଶ୍ରେଷ୍ଠତା ପ୍ରମାଣିତ ହୋଇଥାଏ ତାହା ହିଁ ଶ୍ରେୟସ୍କର ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଖ୍ରୀଷ୍ଟତ୍ୱର ଅସତ୍ୟ ଆସ୍ଥା ଏବଂ ସେହି କାଳରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କର ଆସ୍ଥାର ଆନ୍ତର୍ଜାତିକ ବିକ୍ଷିପ୍ତତାର ବୋଝ ଆପଣ ଅ.ସଙ୍କ ହୃଦୟରେ ଏପରି ଥିଲା ଯେ, ଆପଣ ଅ.ସ ଏକ ସ୍ଥାନରେ ବ୍ୟଥିତ ଓ ବେଦନାପୂର୍ଣ୍ଣ ହୋଇ ଅତ୍ୟନ୍ତ ଭବ୍ୟ ଢଙ୍ଗରେ କୁହନ୍ତି: "ମୁଁ ସର୍ବଦା ଏହି ଚିନ୍ତାରେ ଆକ୍ରାନ୍ତ ତଥା ଚିନ୍ତାଗ୍ରସ୍ତ ଯେ, ଆମର ଓ ଖ୍ରୀଷ୍ଟ ଧର୍ମ ମଧ୍ୟରେ କୌଣସି ମତେ ନିର୍ଣ୍ଣୟ ହୋଇଯାଉ । ମୋର ହୃଦୟ ମୃତ ଉପାସନା ଜନିତ ଉପଦ୍ରବ ଦ୍ୱାରା ରକ୍ତ ରଞ୍ଜିତ ହୋଇଥାଏ ଏବଂ ମୋର ପ୍ରାଣ ବିଚିତ୍ର ପ୍ରକାରର ସଂକୀର୍ଣ୍ଣତାରେ ଗିରଫ ଅଟେ । ଏହାଠୁ ବଳି ଆଉ କେଉଁ ହୃଦୟର ବେଦନାର ମର୍ଯ୍ୟାଦା ହେବ ଯେ, ଜଣେ ବିନୀତ ବ୍ୟକ୍ତିକୁ ଈଶ୍ୱର କରାଯାଇଛି ଏବଂ ମୁଠାଏ ବାଲି ମାଟିକୁ ସକଳ ଜଗତର ପାଳନକର୍ତ୍ତା ବୋଲି ମନେକରାଯାଇଛି। ଯଦି ମୋର ସର୍ବ ଶକ୍ତିମାନ ପରମେଶ୍ୱର ମୋତେ ସନ୍ତୁଷ୍ଟି ପ୍ରଦାନ କରି ନଥାଆନ୍ତେ ତେବେ ମୁଁ କେତେବେଳୁ ଉକ୍ତ ଦୁଃଖ ଦ୍ୱାରା ମୃତ୍ୟୁବରଣ କରିଥାଆନ୍ତି । କିନ୍ତୁ ଶେଷ ବିଜୟ ହେଉଛି ଏକେଶ୍ୱରବାଦର ବିଜୟ ।" **(ସିରତେ ତୈିୟେବା, ଲେଖକ- ସାହେବ ଜାଦା ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ, ପୃ-106-108)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି; "ଈଶ୍ୱର ଉକ୍ତ କଥାକୁ ଜାଣନ୍ତି ଏବଂ ସେ ପ୍ରତ୍ୟେକ ପ୍ରସଙ୍ଗ ଉପରେ ସର୍ବୋତ୍ତମ ସାକ୍ଷ୍ୟ ଅଟନ୍ତି ଯେ, ତାହାଙ୍କ ମାର୍ଗରେ ମୋତେ ସର୍ବ ପ୍ରଥମେ ଯେଉଁ ବସ୍ତୁ ଦିଆଗଲା ତାହା ସତ୍‌ହୃଦୟ ଅର୍ଥାତ୍ ଏପରି ହୃଦୟ ଯାହା ପ୍ରକୃତ ସଂପର୍କ ସେହି ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ସହିତ ନଥିଲା । ବେଳ ଥିଲା ମୁଁ ତରୁଣ ଯୁବକଟିଏ ଥିଲି ଏବଂ ବର୍ତ୍ତମାନ ମୁଁ ବୃଦ୍ଧ ହେଲି। କିନ୍ତୁ ମଁ ବୟସର କୌଣସି ଭାଗରେ ସର୍ବ ଶକ୍ତିମାନ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ସହିତ ନିଜର ପ୍ରକୃତ ସଂପର୍କ ରଖିଲି ନାହିଁ...........ସେହି ପ୍ରେମର ଉତ୍ତାପ ଯୋଗୁଁ ମୁଁ କଦାପି କୌଣସି ଧର୍ମ ଉପରେ ପ୍ରସନ୍ନ ହେଲି ନାହିଁ ଯାହାର ଆସ୍ଥା ଓ ବିଶ୍ୱାସ ଈଶ୍ୱରଙ୍କ ସର୍ବୋଚ୍ଚ ମର୍ଯ୍ୟାଦା ଏବଂ ଏକେଶ୍ୱରବାଦ ବିରୁଦ୍ଧୀୟ ଥିଲା କିମ୍ବା କୌଣସି ପ୍ରକାରର ମର୍ଯ୍ୟାକ୍ଷୁର୍ଣ୍ଣକୁ ଅନିର୍ବାର୍ଯ୍ୟ ବୋଲି ମନେ କରୁଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ତେଣୁ ଏହି କାରଣ ରହିଛି ଯେ, ମୋତେ ଖ୍ରୀଷ୍ଟ ଧର୍ମ ଭଲ ଲାଗିଲା ନାହିଁ । କାରଣ ସେହି ଧର୍ମର ପ୍ରତ୍ୟେକ ପାଦରେ ଏକେଶ୍ୱରବାଦଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ରହିଛି । ଜଣେ ବିନୀତ ବ୍ୟକ୍ତି ନିଜ ଆତ୍ମାର ଅର୍ଥାତ୍ ନିଜର ମଧ୍ୟ ସାହାଯ୍ୟ କରି ପାରିଲା ନାହିଁ, ସେହି ବିନୀତ ବ୍ୟକ୍ତିକୁ ଖ୍ରୀଷ୍ଟିଆନ୍‌ମାନେ ଈଶ୍ୱର ରୂପେ ଗ୍ରହଣ ଓ ଈଶ୍ୱର ବୋଲି ବିବେଚନା କଲେ ।"

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-59-60)**

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମୁଫ୍‌ତି ଫଜଲୁର୍ ରହମାନ୍ ସାହେବ ପ୍ରବାସକାରୀ ବର୍ଣ୍ଣନା କରନ୍ତି ଯେ, "ମୋ ଘରେ ଗୋଟିଏ ପରେ ଗୋଟିଏ ଦୁଇଟି କନ୍ୟା ସନ୍ତାନ ଜାତ ହେଲେ (ଜନ୍ମ ଗ୍ରହଣ କଲେ) । ଅଲ୍ଲାଃତାଲାଙ୍କ କୃପାରେ ସେହି ଦୁଇଟି କନ୍ୟା ସନ୍ତାନ ଏଯାବତ୍ ଜୀବିତ ଅଛନ୍ତି । ଏହାପରେ ଗୋଟିଏ ପୁତ୍ର ସନ୍ତାନ ଜନ୍ମ ନେଲା । ସେହି ପୁତ୍ର ସନ୍ତାନଟି ନା କିଛି କଥା କହୁଥିଲା ଓ ନା ହିଁ ଶୁଣୁଥିଲା । ପ୍ରଥମ ପୁତ୍ର ପ୍ରାୟତଃ ସବୁବେଳେ ଅସୁସ୍ଥ ରହୁଥିଲା । ଦ୍ୱିତୀୟ ପୁତ୍ର ଚତୁର୍ ଏବଂ ସୁସ୍ଥ ଥିଲା । ଦ୍ୱିତୀୟ ପୁତ୍ରର ଅଭ୍ୟାସ ଏବଂ ରୂପ ଏପରି ଆକର୍ଷଣୀୟ ଥିଲା ଯେ, ସାନ ବୟସରେ ସେ ଘରର ସମସ୍ତ କାର୍ଯ୍ୟ କରୁଥିଲା ଏବଂ ସାମାନ୍ୟ ଇଙ୍ଗିତ କଲେ ସେ କଥାକୁ ବୁଝି ନେଉଥିଲା । ଅତଏବ୍ ସେହି ଦ୍ୱିତୀୟ ପୁତ୍ର ସନ୍ତାନଟି ଅତ୍ୟନ୍ତ ହୁଶିୟାର, ଚତୁର ଓ ବୁଦ୍ଧିମାନ ସନ୍ତାନ ଥିଲା । ସେହି କାରଣମୁ ମୁଁ ସେହି ସନ୍ତାନକୁ ବହୁତ ଭଲ ପାଉଥିଲି । ପ୍ରଥମ ପୁତ୍ର ଚାରି ବର୍ଷ କାଳ ଜୀବିତ ରହିବା ପରେ ମୃତ୍ୟୁବରଣ କଲା। ଅର୍ଥାତ୍ ଅସୁସ୍ଥ ଥିବା ପୁତ୍ରଟିର ଅକାଳ ବିୟୋଗ ହେଲା । ଦ୍ୱିତୀୟ ସନ୍ତାନକୁ ମଧ୍ୟ ଯେତେବେଳେ 4 ବର୍ଷ ହେଲା ସେତେବେଳେ ତାକୁ କମ୍ପ ଜ୍ୱର ହୋଇଗଲା । ମୁଁ ବହୁତ ଚିକିତ୍ସା, ଉପାଚାର କଲି । କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ମୋତେ କିଛି ଉପାୟ ଦିଶୁ ନଥିଲା । ଯେତେବେଳେ ସେହି ସନ୍ତାନର ଅସୁସ୍ଥତା ତଥା ରୋଗକୁ 15 ଦିନ ବିତୁଥିଲା ସେହି ସନ୍ତାନକୁ Meningitis ଅର୍ଥାତ୍ ମସ୍ତିଷ୍କ ଆବରକ ଝିଲ୍ଲୀର ପ୍ରଦାହ ବା ଫୁଲା ପରି ରୋଗ ହୋଇଗଲା । ମୁଁ ହ. ସାହେବଙ୍କ ସେବାରେ ଦୁଆ ନିମନ୍ତେ ଏକ ପତ୍ର ଲେଖିଲି ଏବଂ କହିଲି, ହୁଜୁର୍ ! ମୋର ଏହି ଦ୍ୱିତୀୟ ସନ୍ତାନଟି ଅତି ସୁନ୍ଦର ସନ୍ତାନ ଅଟେ । ହୁଜୁର୍ ! ଏହି ସନ୍ତାନ ପାଇଁ ଆପଣ ଅ.ସ ଟିକେ ଦୁଆ କରନ୍ତୁ ଯେ, ମୋର ଏହି ସନ୍ତାନଟି ବଞ୍ଚିଯାଉ । ପ୍ରତ୍ୟୁତ୍ତରରେ ଆପଣ ଅ.ସ ଉଲ୍ଲେଖ କଲେ ଯେ, ମୁଫ୍‌ତୀ ସାହେବ ! ମୁଁ ଇନ୍‌ଶାଅଲ୍ଲାଃ ଦୁଆ କରିବି । କିନ୍ତୁ ଯଦି ବଧିର ବିଧାନ ଏହା ହିଁ ତେବେ ତାହା ଟଳି ପାରିବ ନାହିଁ । ତତ୍‌ସହିତ ଆପଣ ଅ.ସ ଏହା ମଧ୍ୟ ଲେଖିଦେଲେ ଯେ, ଏହି ସନ୍ତାନଟି ବଞ୍ଚି ପାରିବ ନାହିଁ । ସୁତରାଂ ଠିକ୍ ଚତୁର୍ଥ ଦିନ ଏହି ସନ୍ତାନର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଓ ଜଟିଳ ହୋଇ ପଡ଼ିଲା । ହୁଜୁର ଅ.ସ ସେଦିନ ଗୁର୍ଦାସପୁର୍ କଚେରୀର ତାରିଖରେ ଯିବାର ଥିଲା । ଯେହେତୁ ମୁଁ ହୁଜୁର୍ ଅ.ସଙ୍କ ସହିତ ଯାଉଥିଲି ତେଣୁ ମୁଁ ମଧ୍ୟ ଆପଣ ଅ.ସଙ୍କ ସହିତ ଯିବା ନିମନ୍ତେ ହାଜର ହେଲି । ଯେତେବେଳେ ଆପଣ ଅ.ସ ଘରୁ ଆସିଲେ ସେତେବେଳେ ଆପଣ ଅ.ସ ମୋତେ ସମ୍ବୋଧିତ କରି କହିଲେ, ମୁଫ୍‌ତି ସାହେବ ! ଆପଣଙ୍କ ପୁତ୍ରର ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ? ପ୍ରତ୍ୟୁତ୍ତରରେ ମୁଁ କହିଲି, ହୁଜୁର୍ ! ଆସିକି ଦେଖି ନିଅନ୍ତୁ । ଏଇଠି ପାଖରେ ଘର ଅଛି । ଦେଖନ୍ତୁ ହୁଜୁର୍ ! ଅତ୍ୟନ୍ତ ଶୋଚନୀୟ ଅବସ୍ଥା ରହିଛି । ଯେତେବେଳେ ଆପଣ ଅ.ସ ଘରକୁ ଆସି ପିଲାକୁ ଦେଖିଲେ ସେତେବେଳେ ଆପଣ ଅ.ସ କହିଲେ, ମହୋଦୟ ଆପଣଙ୍କର ପିଲା ତ' ବହୁତ ଅସୁସ୍ଥ ଅଟେ । ଆଜି ତୁମେ ଗୁର୍ଦାସପୁର ଯାଅ ନାହିଁ । ଆଜି ତୁମେ ମୋ ସହିତ ଯାଅ ନାହିଁ । ଆପଣ ଅ.ସ ନିଜ ଯାତ୍ରା ଅଭିମୁଖେ ବାହିର ପଡ଼ିଲେ ଏହଂ ଦ୍ୱିତୀୟ ଦିନ ଠିକ୍ 4ଟା ବେଳେ ମୁଫ୍‌ତି ସାହେବଙ୍କର ସନ୍ତାନର ଅକାଳ ବିୟୋଗ ହୋଇଗଲା । ତା' ଆର ଦିନ ହୁଜୁର୍ ଅ.ସ 10ଟା ବେଳେ ଗୁର୍ଦାସପୁରରୁ ଫେରି ଆସିଲେ । ମୁଁ ମଧ୍ୟ ଶୁଣି ହାତ ମିଳାଇବା ପାଇଁ ଆଗକୁ ଅଗ୍ରସର ହେଲି । ମୋ କୋଳରେ ଛୋଟ କୁନି କନ୍ୟା (ଝିଅ ପିଲା) ଥିଲା । ଏହି କନ୍ୟା ସେହି ମୃତ୍ୟୁବରଣ କରିଥିବା ପୁତ୍ର ଠାରୁ ଖୁବ୍ ଛୋଟ ଥିଲା । ହୁଜୁର୍ ଅ.ସ ମୋତେ ଦେଖି କହିଲେ, ମୋତେ ଆପଣଙ୍କ ସନ୍ତାନର ବିୟୋଗ ଯୋଗୁଁ ବହୁତ ଦୁଃଖ ଲାଗିଲା । କିନ୍ତୁ ମୋର ଏହି ଧାରଣା ରହିଥିଲା ଯେ, ତୁମର ସେହି ସନ୍ତାନ ପ୍ରତି ଥିବା ଅନାବିଳ ପ୍ରେମ ଶିର୍କର ସ୍ତର ପର୍ଯ୍ୟନ୍ତ ପହଞ୍ଚି ସାରିଥିଲା । ତେଣୁ ସେହି ପୁତ୍ର ସନ୍ତାନର ଜୀବିତ ରହିବା ଦୁଃସାଧ ଦୃଶ୍ୟମାନ ହେଉଥିଲା । ସେ ଯାହା ହେଉ ମୁଁ ତୁମ ସନ୍ତାନ ନିମନ୍ତେ ବହୁତ ଦୁଆ କରିଥିଲି । ଅଲ୍ଲାଃତାଲା ତୁମକୁ ଏହାର ଉତ୍ତମ ପ୍ରତିବଦଳ ପ୍ରଦାନ କରିବେ ଏବଂ ସେହି ସନ୍ତାନ ଶ୍ରବଣକାରୀ ଏବଂ କଥନକାରୀ ହେବ ଓ ସୁସ୍ଥ ସବଳ ହେବ........ସୁତରାଂ ଏତଦ୍‌ପରେ ଫଜଲେ କରୀମ୍ ଜନ୍ମ ହେଲା । ମୁଫ୍‌ତି ସାହେବଙ୍କ ଗୋଟିଏ ପୁତ୍ରର ନାମ ଫଜଲେ କରୀମ୍ ଥିଲା ଏବଂ ଆଉ ଜଣେ ପୁତ୍ର ନାମ ଅବ୍‌ଦୁଲ୍ ହଫିଜ୍ ଥିଲା । ଏହାପରେ ଦୁଇଟି ସନ୍ତାନର ଗର୍ଭପାତ ହେଲା । ଉଭୟ ଗର୍ଭପାତ ହୋଇଥିବା ସନ୍ତାନ ପୁତ୍ର ସନ୍ତାନ ଥିଲେ । କିନ୍ତୁ ସେ ଯାହା ହେଉ ଦୁଇଜଣ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କଲେ । ପୁନଶ୍ଚ ଗର୍ଭପାତ ହେବା ପରେ ଆଉ ଦୁଇ ଜଣ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କଲେ ଯଥା ମୁହମ୍ମଦ୍ ଅବ୍‌ଦୁଲ୍ଲାଃ ଓ ଅବ୍‌ଦୁଲ୍ କରୀମ୍ ଜନ୍ମ ଗ୍ରହଣ କଲା। ପୁନଶ୍ଚ ଏମାନଙ୍କ ପରେ ଅହମଦ୍ ଜନ୍ମ ଗ୍ରହଣ କଲା ଏବଂ ଅଲ୍ଲାଃତାଲାଙ୍କର କୃପାରୁ ପାଞ୍ଚ ଜଣ ଯାକ ପୁତ୍ର ସନ୍ତାନ ସେହି ପୁତ୍ର ସନ୍ତାନ ବିୟୋଗ ପରେ ଜନ୍ମ ହେଲେ ଏବଂ ସମସ୍ତେ ଅଲ୍ଲାଃତାଲାଙ୍କ କୃପାରୁ ଜୀବିତ ଅଛନ୍ତି । ସମସ୍ତେ ଦୀର୍ଘାୟୁ ଥିଲେ । ଅତଏବ୍ ଆପଣ ଅ.ସ ନିଜର ସାହାବାମାନଙ୍କୁ ମଧ୍ୟ ଏକେଶ୍ୱରବାଦର ସର୍ବଦା ଶିକ୍ଷା ପ୍ରଦାନ କରୁଥିଲେ ଏବଂ ପୁନଶ୍ଚ ସେମାନଙ୍କର ମନ ଜିଣିବା ନିମନ୍ତେ ଦୁଆ ମଧ୍ୟ କଲେ । ଅଲ୍ଲାଃଥାଲା ଦୁଆକୁ ମଧ୍ୟ ସ୍ୱୀକାର କରି 5 ଜଣ ପୁତ୍ର ସନ୍ତାନ ମଧ୍ୟ ମୁଫ୍‌ତି ସାହେବଙ୍କୁ ପ୍ରଦାନ କଲେ ।" **(ସିରତ୍ ଅହମଦ, ଲେଖକ, କୁଦ୍ରତୁଲ୍ଲାଃ ସନୱରୀ ସାହେବ ର.ଅ, ପୃ-168-170)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ଏହା ଚାହୁଁଛନ୍ତି ଯେ, ସେ ସେହି ସମସ୍ତ ଆତ୍ମାମାନଙ୍କୁ ଯେଉଁମାନେ ପୃଥିବୀର ନାନା ଭୂଖଣ୍ଡ ଯଥା-ଏସିଆ, ଆଫ୍ରିକାରେ ବାସ କରୁଛନ୍ତି ସେହି ସମସ୍ତ ପୁଣ୍ୟ ସ୍ୱଭାବର ଅଧିକାରୀ ଲୋକମାନଙ୍କୁ ଏକେଶ୍ୱରବାଦ ଆଡ଼କୁ ଆକର୍ଷିତ କରିବେ ଏବଂ ନିଜର ଭକ୍ତମାନଙ୍କୁ ଏକ ଧର୍ମ ଉପରେ ଏକତ୍ରିତ କରିବେ । ଏହା ହିଁ ଈଶ୍ୱରଙ୍କର ଅଭିପ୍ରାୟ ଯେଉଁ ଅଭିପ୍ରାୟ ସକାଶେ ମୁଁ ଧରାପୃଷ୍ଠକୁ ପ୍ରେରିତ ହୋଇଅଛି । ତେଣୁ ତୁମେମାନେ ଏହି ଅଭିପ୍ରାୟର ଅନୁକରଣ କର କିନ୍ତୁ ନମ୍ରତା, କୋମଳତା, ଚରିତ୍ର ଓ ଦୁଆ ଉପରେ ଜୋର୍ ଦେବା ଦ୍ୱାରା ହିଁ ଏହିସବୁ ଅଭିପ୍ରାୟକୁ ତୁମେମାନେ ଚରିତାର୍ଥ କରିପାରିବ ।"

**(ଅଲ୍ ୱସିୟତ୍, ରହାନୀ ଖଜାଏନ୍, ଗ୍ରନ୍ଥଣ୍ଡ-20, ପୃ-306-307)**

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୋର ସମସ୍ତ ପ୍ରସନ୍ନତା ତହିଁରେ ହିଁ ରହିଛି ଏବଂ ମୋର ଅବତୀର୍ଣ୍ଣ ହେବାର ପ୍ରକୃତ ଅଭିପ୍ରାୟ ଏହିକି ଯେ, ଈଶ୍ୱରଙ୍କ ଏକେଶ୍ୱରବାଦ ଏବଂ ରସୁଲ୍ କରୀମ୍ ସ.ଅଙ୍କ ସମ୍ମାନ ସଂସାରରେ ସ୍ଥାପିତ ହେଉ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-3, ପୃ-85, ସଂସ୍କରଣ ବର୍ଷ 2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ପୀର୍ ଇଫ୍‌ତିଖାର୍ ସାହେବ ର.ଅ ଆପଣ ଅ.ସଙ୍କ ଜୀବନୀ ବର୍ଣ୍ଣନା କରି କହୁନ୍ତି: "ଆମେମାନେ ସମସ୍ତେ ତାଙ୍କୁ ପିରାଁ ଦତ୍ତା ନାମରେ ଡାକୁଥିଲୁ । କିନ୍ତୁ ହୁଜୁର୍ ଅ.ସ ଯେତେବେଳେ ଡାକୁଥିଲେ ସେତେବେଳେ ପୀରୀ ଦତ୍ତା କହୁଥିଲେ । ହୁଜୁର ଅ.ସ ପୀରୀ ଦତ୍ତା ଡାକୁଥିଲେ ପୀରାଁ ଦତ୍ତା ନୁହେଁ । ଅର୍ଥାତ୍ ହେ ମୋର ପୀର ଅଲ୍ଲାଃଙ୍କ ଦ୍ୱାରା ପ୍ରଦତ୍ତ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ସେହି ଏକେଶ୍ୱରବଦା ଥିଲା ଯାହାକୁ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ପ୍ରଦାନ କରିଥିଲେ । ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି: "خُذُوا التَّوْحِيْدَ التَّوْحِيْدَ يَا اَبْنَاءَ الْفَارِسِ" ଅର୍ଥାତ୍ ହେ ପାରସ୍ୟ ସନ୍ତାନ ! ତୁମ୍ଭେ ଏକେଶ୍ୱରବାଦକୁ ଜାବୁଡ଼ି ଧରି ରଖ ।

**(ଇଫ୍‌ତିଖାରୁଲ୍ ହକ୍ କିମ୍ବା ଇନାମାତେ ଖୁଦାୱନ୍ଦୀ, ପୃ-229)**

ହଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଉକ୍ତ ଐଶୀବାଣୀ ନିଜର ସ୍ଥାୟୀତ୍ୱତା ତଥା ଉନ୍ନତି ନିମନ୍ତେ ଆପଣ ଅ.ସ ନିଜ ସମ୍ମୁଖରେ ରଖି ନଥିଲେ ବରଂ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଥିବା ପ୍ରତ୍ୟେକ ବ୍ୟକ୍ତି ନିଜ ସମ୍ମୁଖରେ ରଖିବା ଉଚିତ୍ । ପ୍ରତ୍ୟେକ ବ୍ୟକ୍ତି ଯିଏ ବୈଅତ୍‌ର ସଂସ୍ପର୍ଶରେ ଆସିଥାଏ ତାହାକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ଆପଣ ଅ.ସଙ୍କ ବୈଅତ୍‌ରେ ଆସିବା ଦ୍ୱାରା ସମସ୍ତେ ପାରସ୍ୟ ସନ୍ତାନ ମଧ୍ୟରେ ସାମିଲ୍ ହୋଇ ଯାଇଛନ୍ତି । ତହିଁରେ ଛୋଟ ପିଲାମାନେ ଅନ୍ତର୍ଭୁକ୍ତ ଅଟନ୍ତି, ବଂଶଧରମାନେ ଅନ୍ତର୍ଭୁକ୍ତ ଅଟନ୍ତି । ଯଦି ଏମାନେ ଏକେଶ୍ୱରବାଦକୁ ଧରି ରଖିବେ ତେବେ ଧର୍ମ ଏବଂ ସଂସାରେ ଏମାନଙ୍କୁ ସମ୍ମାନ ମିଳିବ । ଅନ୍ୟଥା ନା କୌଣସି ରକ୍ତ ସଂପର୍କୀୟ ଲାଭ ଦେଇଥାଏ ଓ ନା ହିଁ ବୈଅତ୍ କରିବା କୌଣସି ଲାଭ ଦେଇଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହାଫିଜ୍ ମୁହମ୍ମଦ୍ ଇବ୍ରାହିମ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳ ମୁଁ ପ୍ରଥମ ଥର କରି ହକିମ୍ ଅବ୍‌ଦୁଲ୍ ଅଜିଜ୍, ହକିମ୍ ଅତା ମୁହମ୍ମଦ୍ ସାହେବ ଆଦି ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଉପସ୍ଥାପିତ ହେଲୁ ସେତେବେଳେ ସେହି ଦିନମାନଙ୍କରେ ମଧ୍ୟ ହୁଜୁର ଅ.ସ ଗୁର୍ଦାସପୁରରେ ଅବସ୍ଥାନ କରୁଥିଲେ । ହୁଜୁର୍ ଅ.ସ ଯେତେବେଳେ କୋଠରୀ ମଧ୍ୟରୁ ବାହାରକୁ ବାହାରିବାକୁ ଲାଗିଲେ ସେତେବେଳେ ଆମେମାନେ ତିନି ଜଣ କବାଟ୍ ପାଖରେ ଛିଡ଼ା ହୋଇଥିଲୁ। ମୁଁ ଏବଂ ହକିମ୍ ଅବ୍‌ଦୁଲ୍ ଅଜିଜ୍ ସାହେବ ହୁଜୁର ଅ.ସଙ୍କୁ **ଅସ୍‌ସଲାମୁ ଅଲୈକୁମ୍** କହି ହୁଜୁର ଅ.ସଙ୍କ ସହିତ ହାତ ମିଳାଇଲୁ । କିନ୍ତୁ ଭାଇ ଅତା ମୁହମ୍ମଦ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ପାଦ ତଳେ ପଡ଼ିଗଲେ । ହୁଜୁର ତାଙ୍କର କାନ୍ଧ ଦ୍ୱୟକୁ ଧରି ପକାଇ ଉଠାଇଲେ ଏବଂ କହିବାକୁ ଲାଗିଲେ ଯେ, ଅଲ୍ଲାଃତାଲା ମୋତେ ସାଂପ୍ରତିକ କାଳରେ ଶିର୍କକୁ ସମାପ୍ତ କରିବା ନିମନ୍ତେ ପ୍ରେରଣ ଏବଂ ଅବୀତର୍ଣ୍ଣ କରିଛନ୍ତି । ଅତଏବ୍ ପୀରମାନଙ୍କୁ ଚୁମ୍ବନ ଦେବା ଶିର୍କ ଅଟେ । ପୁନଶ୍ଚ ଆପଣ ଅ.ସ ତାଙ୍କ ସହିତ ହାତ ମିଳାଇଲେ । **(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-2, ପୃ-172)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ସେହିପରି ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ: "କାଜି ମୁହମ୍ମଦ୍ ୟୁସୁଫ୍ ସାହେବ ପେଶାଓ୍ୱରୀ ମୋତେ ପତ୍ର ମାଧ୍ୟମରେ ଏହି ସୂଚନା ଦେଲେ ଯେ, ପ୍ରାରମ୍ଭରେ ମୁଁ ଯେତେବେଳେ କାଦିୟାନ୍ ଗଲି ସେତେବେଳେ ଜଣେ ବ୍ୟକ୍ତି ନିଜର ପୁତ୍ରକୁ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଉପସ୍ଥାପିତ କଲା । ଯେତେବେଳେ ସେହି ବାଳକ ଜଣକ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ହାତ ମିଳାଇବା ପାଇଁ ଆଗକୁ ଅଗ୍ରସର ହେଲା ସେତେବେଳେ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ସେହି ବାଳକ ଜଣକ ହ. ସାହେବଙ୍କ ପାଦରେ ହାତ ସ୍ପର୍ଶ କରିବାକୁ ଲାଗିଲା । ଏହା ଦେଖି ଆପଣ ଅ.ସ ନିଜର ପବିତ୍ର ହସ୍ତ ଦ୍ୱାରା ସେହି ବାଳକକୁ ଏପରି କରିବାକୁ ଅଟକାଇଲେ ଏବଂ ମନାକଲେ । ମୁଁ ଦେଖିଲି ଯେ, ଆପଣ ଅ.ସଙ୍କ ଚେହେରା ବିବର୍ଣ୍ଣ ହୋଇଗଲା । ଅର୍ଥାତ୍ କ୍ରୋଧରେ ଲାଲ୍ ହୋଇଗଲା। ଆପଣ ଅ.ସ ଅତ୍ୟନ୍ତ ଉତ୍ସାହର ସହିତ କହିଲେ, "ଅବତାରମାନେ ଧରାପୃଷ୍ଠ ବା ସଂସାରରକୁ ଶିର୍କର ମୂଳୋତ୍ପାଟନ ନିମନ୍ତେ ଆସିଥାଆନ୍ତି ଏବଂ ମୋର ମଧ୍ୟ ଏହି କାର୍ଯ୍ୟ ରହିଛି ଯେ, ମୁଁ ଶିର୍କକୁ ସମାପ୍ତ କରିବି ନା କି ମୁଁ ଶିର୍କକୁ ପ୍ରଶୟ ଦେବି ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ପୃ-295, ବର୍ଣ୍ଣନା ସଂଖ୍ୟା-319)**

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଉକ୍ତ କଥାର ଘୋର ବିରୋଧୀ ଅଟେ ଯେ, କେହି ମୋର ଚିତ୍ରୋତ୍ତୋଳନ କରୁ (ଫଟୋ ଉଠାଉ/ ଫଟୋ କ୍ଲିକ୍ କରୁ) । ଏଠାରେ ଚିତ୍ରୋତ୍ତୋଳନ ସଂପର୍କରେ ମଧ୍ୟ ସ୍ପଷ୍ଟ ହୋଇଯାଇଥାଏ ଏବଂ ଅନେକ ଲୋକମାନେ ଭୁଲ୍ ପନ୍ଥା ମାଧ୍ୟମରେ ନିଜର ଚିତ୍ର, ମସିହ୍ ମଉଦ୍ ଅ.ସଙ୍କ ଚିତ୍ର ଓ ନିଜ ସଂପର୍କୀୟମାନଙ୍କର ଚିତ୍ର ଘରେ ରଖିଥାଆନ୍ତି । ତେଣୁ ମୁଁ ଏଥି ସଂକ୍ରାନ୍ତରେ ଉକ୍ତ କଥା ବର୍ଣ୍ଣନା କରୁଛି । ସୁତରାଂ ଆପଣ ଅ.ସ କୁହନ୍ତି: "ମୁଁ ଉକ୍ତ କଥାର ବିରୋଧୀ ଅଟେ ଯେ, କେହି ମୋର ଚିତ୍ରୋତ୍ତୋଳନ କରୁ ଏବଂ ମୋର ଚିତ୍ରକୁ ପିତୁଳାମାନଙ୍କ ପରି ନିଜ ପାଖରେ ରଖୁ ଅବା ପ୍ରକାଶିତ କରିଦେଉ । ମୁଁ କଦାପି ଏପରି ଆଦେଶ ଦେଇ ନାହିଁ ଯେ, କେହି ଏପରି କରୁ । ମୋ ଠାରୁ ଅଧିକ ପିତୁଳା ପୂଜା ଏବଂ ଚିତ୍ର ପୂଜାର ଶତ୍ରୁ ଅନ୍ୟ କେହି ହେବ ନାହିଁ । କିନ୍ତୁ ମୁଁ ଦେଖିଛି ଯେ, ଆଜିକାଲି ଇଉରୋପର ଲୋକମାନେ ଯେଉଁ ବ୍ୟକ୍ତିର ଲେଖନୀକୁ ଦେଖିବାକୁ ଚାହାନ୍ତି ତେବେ ସେମାନେ ପ୍ରଥମତଃ ଉକ୍ତ କଥାର ଅଭିଳାଷୀ ହୁଅନ୍ତି ଯେ, ସେମାନେ ସଂକଳନକର୍ତ୍ତା ଅର୍ଥାତ୍ ଲେଖକଙ୍କ ଫଟୋକୁ ଦେଖିବେ । କାରଣ ଇଉରୋପ ଦେଶରେ ବୋଧ ଜ୍ଞାନର ଯଥେଷ୍ଟ ବିକାଶ ହୋଇଛି ଏବଂ ସଂଖ୍ୟାଧିକ ଲୋକମାନେ କେବଳ ଚିତ୍ରକୁ ଦେଖି ବ୍ୟକ୍ତିକୁ ଚିହ୍ନି ପାରନ୍ତି । ଅର୍ଥାତ୍ ଦାବିକର୍ତ୍ତା ସତ୍ୟବାଦୀ ଅଟେ ଅବା ମିଥ୍ୟାବାଦୀ ? ସେହି ଲୋକମାନେ ସହସ୍ର କ୍ରୋଶ ଦୂରରେ ଥାଇ ମୋ ପର୍ଯ୍ୟନ୍ତ ଯଦିଓ ପହଞ୍ଚି ପାରିବେ ନାହିଁ ଓ ନା ହିଁ ମୋର ଚେହେରାକୁ ଦେଖି ପାରନ୍ତି । କିନ୍ତୁ ସେହି ଦେଶର ଚାତୁର୍ଯ୍ୟତା ଏବଂ ନୈପୁଣ୍ୟତା ମାଧ୍ୟମରେ ମୋର ଫଟୋକୁ ଦେଖି ମୋର ଆଭ୍ୟନ୍ତରୀଣ ପରିସ୍ଥିତି ସଂପର୍କରେ ବିଚାର କରିଥାଆନ୍ତି ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଇଉରୋପ ଏବଂ ଆମେରିକାରୁ ମୋତେ ପତ୍ର ଲେଖିଛନ୍ତି । ସେମାନେ ନିଜର ପତ୍ରରେ ଏହା ଉଲ୍ଲେଖ କରିଛନ୍ତି ଯେ, ଆମେମାନେ ଆପଣ ଅ.ସଙ୍କ ଫଟୋ ଚିତ୍ରକୁ ଧ୍ୟାନପୂର୍ବକ ଦେଖିଲୁ ଏବଂ ଚାତୁର୍ଯ୍ୟତା ଏବେ ନୈପୁଣ୍ୟତା ମାଧ୍ୟମରେ ଆମେ ଉକ୍ତ କଥା ସ୍ୱୀକାର କଲୁ ଯେ, ଯେଉଁ ବ୍ୟକ୍ତିର ଏହି ଚିତ୍ରଟି ରହିଛି ସେହି ବ୍ୟକ୍ତି ମିଥ୍ୟାବାଦୀ ହୋଇପାରିବ ନାହିଁ । ଜଣେ ଆମେରିକାବର ମହିଳା ମୋର ଫଟୋକୁ ଦେଖି ପତ୍ର ଲେଖି କହିଲେ, ଏଇଟା ଯୀଶୁ ଖ୍ରୀଷ୍ଟଙ୍କର ଫଟୋ ଅଟେ । ଅତଏବ୍ ଏହି ଉଦ୍ଦେଶ୍ୟ ରଖି ଏବଂ ଏହି ସ୍ତର ପର୍ଯ୍ୟନ୍ତ ମୁଁ ସେହି ପନ୍ଥାକୁ ଜାରି କରିବା ସଂପର୍କରେ ଉଚିତ୍ ବୋଲି ମନେକରି ନିରବତା ଅବଲମ୍ବନ କଲି । ତେଣୁ ମୁଁ ନିଜର ଫଟୋ ଉତ୍ତୋଳନ କରିବା ନିମନ୍ତେ ଅନୁମତି ପ୍ରଦାନ କରିଛି, ଅନ୍ୟଥା ଯଦି ଶିର୍କ ବ୍ୟାପୀ ଯିବାର ଆଶଙ୍କା ଥାଆନ୍ତା ତେବେ ମୁଁ କଦାପି ଅନୁମତି ପ୍ରଦାନ କରିବି ନାହିଁ ।"

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " إِنَّمَا الْأَعْمَالُ بِالنِّيَّاتِ" ସମସ୍ତ କର୍ମ ଅନ୍ତର୍ନିହିତ ଉଦ୍ଦେଶ୍ୟ ଉପରେ ହିଁ ନିର୍ଭରଶୀଳ ଅଟେ। ମୋର ଏହି ଧର୍ମମତ ନୁହେଁ ଯେ, ଫଟୋ ଉତ୍ତୋଳନ କରିବାର ଅବୈଧତା ଚୂଡ଼ାନ୍ତ ଅଟେ । ମୁଁ ଏହା ମଧ୍ୟ କହୁ ନାହିଁ ଯେ, ଫଟୋ ଉତ୍ତୋଳନ କରିବା ଅବୈଧ ପ୍ରସଙ୍ଗ ଅଟେ । ପବିତ୍ର କୁରଆନ୍ କରୀମରୁ ଏହା ସିଦ୍ଧ ଯେ, ଜିନ୍ ସଂପ୍ରଦାୟ ବା ଗୋଷ୍ଠୀ ହ. ସୁଲେମାନ ଅ.ସଙ୍କ ପାଇଁ ଚିତ୍ର ତିଆରି କରୁଥିଲେ ଏବଂ ବନି ଇସ୍ରାଇଲ୍ ପାଖରେ ଅନେକ ସମୟ ଧରି ଅବତାରମାନଙ୍କର ଚିତ୍ର ରହିଥିଲା । ବନି ଇସ୍ରାଇଲଙ୍କ ପାଖରେ ତ' ଅବତାରମାନଙ୍କର ଚିତ୍ର ହେଉଥିଲା । ସେହି ଚିତ୍ରରେ ଆଁହଜରତ୍ ସ.ଅଙ୍କ ଚିତ୍ର ମଧ୍ୟ ରହିଥିଲା ଏବଂ ଆଁହଜରତ୍ ସ.ଅଙ୍କୁ ହ. ଆଏଶା ର.ଅଙ୍କ ଏକ ଚିତ୍ର ରେଶମ ବସ୍ତ୍ର ଉପରେ ଅଙ୍କା ହୋଇଥିବାର ହ. ଜିବ୍ରାଇଲ୍ ଅ.ସ ଦେଖାଇଲେ ଏବଂ ଜଳରେ, କେତେକ ପଥର ଉପରେ ଜୀବମାନଙ୍କର ଚିତ୍ର ପ୍ରାକୃତିକ ଉପରେ ଅଙ୍କିତ ହୋଇଯାଇଥାଏ। ଯେଉଁଠି ଭୂମିକମ୍ପ ଆସିଥାଏ ସେଠାରେ ପର୍ବତ ଉପରେ ଥିବା ଜୀବମାନେ ଚାପି ହୋଇଯାଇ ଥାଆନ୍ତି ସେଠାରେ ସେହି ଜୀବମାନଙ୍କର ଚିତ୍ର ପଥର ଉପରେ ଅଙ୍କିତ ହୋଇ ଯାଇଥାଏ । ଏହି ଯନ୍ତ୍ର ଯାହା ମାଧ୍ୟମରେ ବର୍ତ୍ତମାନ ଚତ୍ରୋତ୍ତୋଳନ କରାଯାଉଛି ଅର୍ଥାତ୍ କ୍ୟାମେରା, ତାହା ଆଁହଜରତ୍ ସ.ଅଙ୍କ କାଳରେ ଆବିଷ୍କୃତ ହୋଇ ନଥିଲା ।" ଅତଏବ୍ ଏହି ଯନ୍ତ୍ରଟି ଅତ୍ୟନ୍ତ ଜରୁରୀ ଓ ଉପାଦେୟ ଯନ୍ତ୍ର ଅଟେ ଯାହା ମାଧ୍ୟମରେ କେତେକ ରୋଗ ଚିହ୍ନଟ ହୋଇପାରୁଛି । "ଅତଏବ୍ କେବଳ ଚିତ୍ର ସଂପର୍କିତ କଥା ନୁହେଁ ବରଂ ଆପଣ ଅ.ସ କହିଲେ, ଏହା ଦ୍ୱାରା ରୋଗ ଚିହ୍ନଟ ଓ ନିରୂପଣ ମଧ୍ୟ ହୋଇପାରେ । ବର୍ତ୍ତମାନ ତ' ଏହି ବ୍ୟବସ୍ଥା ଆହୁରି ଅଗକୁ ଅଗ୍ରସର ହୋଇ ସାରିଛି । ସେ କାଳରେ ତ' ଏକ୍ସ ରେ ବ୍ୟବସ୍ଥା ଥିଲା । ହୁଜୁର୍ ଅ.ସ କହିଲେ, ଆଉ ଏକ ଚିତ୍ରୋତ୍ତୋଳକାରୀ ଯନ୍ତ୍ର ରହିଛି ଯାହା ମାଧ୍ୟମରେ ମନୁଷ୍ୟର ସମସ୍ତ ହାଡ଼ର ଚିତ୍ରୋତ୍ତୋଳନ କରାଯାଇଥାଏ ଏବଂ ଆଣ୍ଠୁ ଗଣ୍ଠି ବାତ ଓ ଆଙ୍ଗୁଣ୍ଠି ମଧ୍ୟରେ ହେଉଥିବା ଯନ୍ତ୍ରଣାଦିର ରୋଗ ଚିହ୍ନଟ ନିମନ୍ତେ ସେହି ଯନ୍ତ୍ର ସାହାଯ୍ୟରେ ଚିତ୍ରୋତ୍ତୋଳନ କରାଯାଇଥାଏ ଏବଂ ରୋଗର ବାସ୍ତବତା ସଂପର୍କରେ ଜ୍ଞାତ ହୋଇଥାଏ ।"

ହୁଜୁର ଅନଓ୍ୱର୍ ଅ.ବ କହିଲେ, ବର୍ତ୍ତମାନ ତ' ସ୍କାନିଂ ଏବଂ ଏମ୍.ଆର୍.ଆଇ ଇତ୍ୟାଦୀ ଆହୁରି ଅନେକ ଜିନିଷ ହେବାକୁ ଲାଗିଲାଣି । ସୁତରାଂ ସେହି ଯନ୍ତ୍ର ସବୁର ବ୍ୟବହାର ସେହି କାଳରେ ଥିଲା । ଆପଣ ଅ.ସ ବ୍ୟାଖ୍ୟା କରି କହୁନ୍ତି ଯେ, ଏଇଟା ତ' ଲାଭ ପ୍ରଦାନକାରୀ ଯନ୍ତ୍ର ଅଟେ । ତେଣୁ ଏହା କହିବା କି ସେହି ଯନ୍ତ୍ର ସମ୍ମୁଖକୁ ହିଁ ନଯାଅ ଏହା ମଧ୍ୟ ଭୁଲ୍ ଅଟେ । ସତ୍ଉଦ୍ଦେଶ୍ୟ ହେବା ଉଚିତ୍ । إِنَّمَا الْأَعْمَالُ بِالنِّيَّاتِ । ଅତଏବ୍ ଯେତେବେଳେ ମେସିନ୍ ଠିକ୍ ଅଛି ତେବେ ସବୁକିଛି ଠିକ୍ ଅଛି । ତେଣୁ ଶିର୍କ କରିବା ଅନୁଚିତ୍ ଅଟେ। ସେହିପରି ଫଟୋ ମାଧ୍ୟମରେ ଅନେକ ଶୈକ୍ଷିକ ଲାଭ ମଧ୍ୟ ପ୍ରାଦୁର୍ଭୂତ ହୋଇଥାଏ । ଫଟୋ ସାଧାରଣ ଚିତ୍ର ଅଟେ, ଏହାର ମାଧ୍ୟମ ମଧ୍ୟ ଆସିଲାଣି । ସୁତରାଂ କେତେକ ଇଂରେଜମାନେ ଚିତ୍ର ମାଧ୍ୟମରେ ପୃଥିବୀର ମୋଟ୍ ଜୀବ ଏପର୍ଯ୍ୟନ୍ତକି ନାନା ପ୍ରକାରର ଝିଣ୍ଟିକା ମାନଙ୍କର ଚିତ୍ର ଏବଂ ପ୍ରତ୍ୟେକ ପ୍ରକାରର ପକ୍ଷୀମାନଙ୍କର ଚିତ୍ର ନିଜ ପୁସ୍ତକରେ ଛପାଇ ଦେଇଛନ୍ତି ।"

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ଆଜିକାଲି ତ' ନାନା ଚ୍ୟାନେଲ୍ ମଧ୍ୟ ଚାଲୁଛି । ଉଦାହରଣ ସ୍ୱରୂପ National Geographic ଚ୍ୟାନେଲ୍ ରହିଛି କିମ୍ବା ଅନ୍ୟ କୌଣସି ଚ୍ୟାନେଲ୍ ରହିଛି । ଏହି ଚ୍ୟାନେଲ୍ ତ' ବିଭିନ୍ନ ଜୀବମାନଙ୍କର ଚିତ୍ରୋତ୍ତୋଳନ କରି ସବିଶେଷ ବିବରଣୀ ମଧ୍ୟ ପ୍ରଦାନ କରିଥାଏ । ସେ ଯାହା ହେଉ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯାହା ଦ୍ୱାରା ଜ୍ଞାନର ଉନ୍ନତି ଘଟିଥାଏ । ତେଣୁ କ'ଣ କଳ୍ପନା କରାଯାଇପାରିବ କି ସେହି ଈଶ୍ୱର ଯିଏ ଜ୍ଞାନ ପ୍ରାପ୍ତ ପାଇଁ ମନରେ ସ୍ପୃହା ସୃଷ୍ଟି କରିଥାଆନ୍ତି ସେ ଏପରି ଯନ୍ତ୍ର ବ୍ୟବହାର କରିବାକୁ ଅବୈଧ ବୋଲି ବିବେଚିତ କରିବେ ଯେଉଁ ଯନ୍ତ୍ର ସାହାଯ୍ୟରେ ବଡ଼ ବଡ଼ ରୋଗ ଜନିତ ସମସ୍ୟାକୁ ଚିହ୍ନଟ କରାଯାଇପାରିବ ଏବଂ ବୁଦ୍ଧିଜୀବୀ ଓ ଅବବୋଧ ରଖିଥିବା ବ୍ୟକ୍ତିମାନଙ୍କ ନିମନ୍ତେ ସତ୍‌ମାର୍ଗ ପ୍ରାପ୍ତ କରିବାର ଏକ ମାଧ୍ୟମ ହୋଇଯାଇଥାଏ । ଏସବୁ ମୂର୍ଖତା ଅଟେ ଯାହା ବ୍ୟାପୀ ଯାଇଛି। ଅର୍ଥାତ୍ ଏହା କହିବା କି ଫଟୋ ଉତ୍ତୋଳନ କରିବା ଅବୈଧ ଅଟେ । ଏହା ମଧ୍ୟ ଭୁଲ୍ ଅଟେ । ହଁ ଉଦ୍ଦେଶ୍ୟ କିନ୍ତୁ ସତ୍ ହେବା ଉଚିତ୍ ।"

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯଦି ଆମ ଦେଶର ମୌଲବୀମାନେ ଏତେ କୁରବାଦୀ ଏବଂ ଚିତ୍ରକୁ ଏତେ ନାପସନ୍ଦ କରୁଛନ୍ତି ତେବେ ମୌଲବୀମାନଙ୍କ ପକ୍ଷେ ଏହା ଉଚିତ୍ କି ସେମାନେ ମୁଦ୍ରା ଉପରେ ଅଙ୍କିତ ହୋଇଥିବା ସମ୍ରାଟମାନଙ୍କର ଚିତ୍ର ସେ ପଛେ ଦୁଇ ଅଣା ହେଉ, ଚାରି ଅଣା ହେଉ ଅବା ଆଠ ଅଣା ହେଉ ସେମାନେ ଏହି ଚିତ୍ରିତ ମୁଦ୍ରାକୁ ନିଜର ପକେଟ୍‌ରେ ଧରି ବୁଲୁଛନ୍ତି ଏବଂ ଘରମାନଙ୍କର କାହିଁକି ରଖିଛନ୍ତି ? ସେମାନେ ଏହି ମୁଦ୍ରାଗୁଡ଼ିକୁ ନିଜ ଘରୁ କାଢି ଫୋପାଡ଼ି ଦେଉ ନାହାନ୍ତି କାହିଁକି ? କ'ଣ ସେହି ସବୁ ମୁଦ୍ରା ଉପରେ ଚିତ୍ର ଅଙ୍କିତ ହୋଇ ନାହିଁ ? ଦୁଃଖ ଏବଂ ପରିତାପର ବିଷୟ ଏହିକି ଯେ, ଏହି ଲୋକମାନେ ଅଯଥାରେ ବୁଦ୍ଧି ଓ ବିବେକ ବିରୁଦ୍ଧୀୟ କଥା କହି ବିରୋଧୀମାନଙ୍କୁ ଇସ୍‌ଲାମ୍ ଧର୍ମ ଉପରେ ଉପହାସ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିଥାଆନ୍ତି । ଇସ୍‌ଲାମ୍ ଧର୍ମ ସମସ୍ତ ବାଧ୍ୟ ତଥା ନିରର୍ଥକ କାର୍ଯ୍ୟ ଏବଂ ଏପରି କାର୍ଯ୍ୟ ଯାହା ଶିର୍କର ସମର୍ଥକ ଅଟନ୍ତି ତାହାକୁ ସମ୍ପାଦନ କରିବା ଅବୈଧ ବୋଲି ବିବେଚିତ କରିଛି । ସେହିପରି ନା ହିଁ ଏପରି କାର୍ଯ୍ୟ ଯାହା ମନୁଷ୍ୟର ଜ୍ଞାନକୁ ଉନ୍ନିତ ପ୍ରଦାନ କରିଥାଏ, ନା ରୋଗ ଚିହ୍ନଟର ମାଧ୍ୟମ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُونُوا مَعَ الصَّادِقِينَ

(ଅତ୍ ତୌବା :119)

ଅନୁବାଦ୍: ହେ ବିଶ୍ୱାସକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ହୋଇଥାଏ ଓ ନା ହିଁ ବୁଦ୍ଧିଜୀବିମାନଙ୍କୁ ସତ୍‌ମାର୍ଗ ନିକଟବର୍ତ୍ତୀ କରାଇ ଦେଇଥାଆନ୍ତି। ଏତଦ୍‌ଭିନ୍ନ ମୁଁ କଦାପି ଏହା ପସନ୍ଦ କରୁ ନାହିଁ ଯେ, ମୋ ଜମାଅତ୍‌ର ଲୋକମାନେ ବିନା କୌଣସି ଆବଶ୍ୟକତା ଯାହା ମନୁଷ୍ୟକୁ ବ୍ୟାକୁଳିତ କରି ଦେଇଥାଏ ଯେ, ସେମାନେ ମୋର ଚିତ୍ରକୁ ସର୍ବ ସାଧାରଣ ସ୍ତରରେ ପ୍ରକାଶିତ କରି ନିଜର ଆୟ ଓ ଜିବୀକା ରୂପେ ବରଣ କରିନେବେ ।"

ହୁଜୁର ଅନ୍‌ୱର ଅ.ବ କହିଲେ, ଯଦି ସତ୍‌ଉଦ୍ଦେଶ୍ୟ ରହିଛି ତାହାହେଲେ ଠିକ୍ ଅଛି ସେହି ଚିତ୍ରକୁ ରୋଜଗାର କରିବାର ମାଧ୍ୟମ କରିନିଅ । କାରଣ ଏପରି କରିବା ଦ୍ୱାରା ଧୀରେ ଧୀରେ ବିଦ୍‌ଅତ୍ (ନୂତନ ଆହୃତ ରୀତି) ସୃଷ୍ଟି ହୋଇ ଯାଇଥାଏ ଏବଂ ଶିର୍କ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । ତେଣୁ ମୁଁ ନିଜର ଜମାଅତ୍‌କୁ ଏଠାରେ ମଧ୍ୟ ଉପଦେଶ ଦେଉଛି ଯେ, ସେମାନେ ଯଥା ସମ୍ଭବ ଏପରି କୃତ୍ୟରୁ ନିବୃତ୍ତ ରୁହନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ବ୍ୟକ୍ତିମାନଙ୍କର ମୁଁ କାର୍ଡ଼ ଦେଖିଛି ଏବଂ ସେହି କାର୍ଡ଼ ପଛ ପଟେ ସେମାନଙ୍କର ଫଟୋ ଲାଗିଥାଏ । ମୁଁ ଏପରି ପ୍ରଚାର ଓ ପ୍ରକାଶନର ଘୋର ବିରୋଧୀ ଅଟେ ଏବଂ ମୁଁ ଏହା ଚାହୁଁ ନାହିଁ ଯେ, କୌଣସି ବ୍ୟକ୍ତି ମୋ ଜମାଅତ୍‌ର ଏପରି କୃତ୍ୟ କରୁ । ଏକ ଉଚିତ୍ ଏବଂ ଉପାଦେୟ ଉଦ୍ଦେଶ୍ୟ ସକାଶେ କାର୍ଯ୍ୟ କରିବା ଅନ୍ୟ ଏକ ପ୍ରସଙ୍ଗ ଅଟେ । ହିନ୍ଦୁମାନଙ୍କ ପରି ଯେଉଁମାନେ ନିଜର ପୂର୍ବ ପୁରୁଷମାନଙ୍କର ଫଟୋକୁ ଅଯଥା କାନ୍ଥ ଉପରେ ଟଙ୍ଗାଇ ଦେଇଥାଆନ୍ତି ଏହା ଅନ୍ୟ ଏକ ପ୍ରସଙ୍ଗ ଅଟେ । ତେଣୁ ସର୍ବଦା ଏହା ଦେଖିବାକୁ ମିଳେ ଯେ, ଏପରି ନିରର୍ଥକ କୃତ୍ୟ ଶିର୍କ ଆଡ଼କୁ ନେଇଯାଇଥାଏ ଏବଂ ନାନା ତ୍ରୁଟି ଏହା ଦ୍ୱାରା ସୃଷ୍ଟି ହୋଇଥାଏ । ଯେପରିକି ହିନ୍ଦୁମାନଙ୍କ ମଧ୍ୟରେ ଏବଂ ଖ୍ରୀଷ୍ଟ ଧର୍ମରେ ସୃଷ୍ଟି ହୋଇଯାଇଛି ଏବଂ ମୁଁ ଆଶା କରୁଛି ଯେ, ଯେଉଁ ବ୍ୟକ୍ତି ମୋର ଉପଦେଶକୁ ମୂଲ୍ୟବାନ୍ ଏବଂ ସମ୍ମାନ ଦୃଷ୍ଟିରେ ଦେଖିବ ସେହି ବ୍ୟକ୍ତି ମୋର ପ୍ରକୃତ ଅନୁଗାମୀ ଅଟେ । ସେ ଉକ୍ତ ଆଦେଶ ପରେ ଏପରି କୃତ୍ୟ ଠାରୁ ନିବୃତ୍ତ ରହିବ । ଅନ୍ୟଥା ବ୍ୟକ୍ତି ଯଦି ମୋର ଉପଦେଶାବଳୀ ବିରୁଦ୍ଧୀୟ କାର୍ଯ୍ୟ କରେ ତେବେ ସେହି ବ୍ୟକ୍ତି କେବଳ ମୋର ନୁହେଁ ବରଂ ଧର୍ମ ବିଧାନ ବିରୁଦ୍ଧୀୟ ଦୁଃସାହସିକ ମାର୍ଗରେ ପାଦ ରଖିଥାଏ । **(ବରାହିନେ ଅହମଦିୟା, ଭାଗ-1, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-21, ପୃ-365-367)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମମାନଙ୍କୁ ଅତ୍ୟନ୍ତ ଧ୍ୟାନର ସହିତ ଏହା ଦେଖାବି ଉଚିତ୍ ଯେ, ମସିହ୍ ମଉଦ୍ ଅ.ସଙ୍କ ଫଟୋ ନାନା ସାମାଜିକ ଗଣମାଧ୍ୟମରେ ଲଗାଇବାର ଅଭିପ୍ରାୟ କ'ଣ ରହିଛି ? ଯେକୌଣସି ପ୍ରକାରରେ ଏହି ଉଦ୍ଦେଶ୍ୟ ଶିର୍କ ଅଭିମୁଖେ ନ ନେଇଯାଉ । ଫଟୋକୁ ନମସ୍କାର କରିବା, ସେମାନଙ୍କ ଆଗରେ ମୁଣ୍ଡ ନୁଆଁଇବା ଇତ୍ୟାଦି ସମସ୍ତ କୃତ୍ୟ ଶିର୍କମୂଳକ ଚିନ୍ତାଧାରା ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହିନ୍ଦୁ ଧର୍ମରେ ଏହା ହିଁ ହୋଇଥାଏ ଯେ, କେତେକ ଲୋକେ ମୃତ ବ୍ୟକ୍ତିଙ୍କର ପୁରୁଣା ଫଟୋ କାନ୍ଥରେ ଟଙ୍ଗାଇ ଥାଆନ୍ତି ଏବଂ ସେହି ଫଟୋ ଉପରେ ସେମାନେ ଫୁଲ ହାର ଟଙ୍ଗାଇ ଦେଇଥାଆନ୍ତି । ଏଠାରେ ମଧ୍ୟ ଆମମାନଙ୍କ ମଧ୍ୟରେ ବେଳେବେଳେ କେତେକ ସ୍ଥାନରେ ପ୍ରଥା ହୋଇଯାଇଛି ଯେ, ଯେଉଁ ଲୋକ ଫ୍ୟାମିଲିର ଗ୍ରୁପ୍ ଫଟୋ ଉତ୍ତୋଳନ କରୁଛନ୍ତି ସେମାନେ ନିଜର ମୃତ ପ୍ରିୟଜନମାନଙ୍କର ଫଟୋ ତିଆରି କରି ନିଜ ସହିତ ଏକ ବଡ଼ ଫଟୋ ଫ୍ରେମରେ ଲଗାଇ ରଖି ନିଅନ୍ତି । କାରଣ ଏମାନେ ଆମମାନଙ୍କର ମୁରବୀ ଗୁରୁଜନ ଅଟନ୍ତି ଯାହାଙ୍କର ବିୟୋଗ ହୋଇଯାଇଛି। ଏହା ହେଉଛି ତାଙ୍କର ଚିତ୍ର ଏବଂ ସେ ମଧ୍ୟ ଆମ ସହିତ ସାମିଲ୍ ହୋଇଯାଇଛନ୍ତି । ତେଣୁ ଏସବୁ କୃତ୍ୟ ଶିର୍କ ଅଟେ । ଆପଣ ଅ.ସ କୁହନ୍ତି: "ଏସବୁ ଭୁଲ୍ କଥା ଅଟେ, ଏସବୁ ବିଦ୍‌ଆତ୍ ଅଟେ । ତହିଁରୁ ବର୍ତ୍ତିବା ଉଚିତ୍ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୋତେ କେତେକ ରିପୋର୍ଟ ପ୍ରାପ୍ତ ହୋଇଛି ଯେ, କେତେକ ଲୋକମାନେ ବିବାହର ଫଟୋ ମଧ୍ୟ ଏହିପରି ଉତ୍ତୋଳୋନ କରିନେଇ ଥାଆନ୍ତି । ସେମାନେ କେବଳ ସତ୍‌ଉଦ୍ଦେଶ୍ୟ ସକାଶେ କିମ୍ବା ନିଜର ସ୍ମୃତି ସ୍ୱରୂପ ଆଲବମ୍‌ମାନଙ୍କରେ ଏହି ଚତ୍ରୋତ୍ତୋଳନ କରିଥାଆନ୍ତି ତେବେ ଏପରି କରିବା ବୈଧ ଓ ଉଚିତ୍ ଅଟେ । କିନ୍ତୁ ଏହାକୁ ବିଦ୍‌ଅତ୍ କରିନେବା ଏବଂ କେବଳ ଟଙ୍ଗାଇ ଉକ୍ତ ଫଟୋକୁ ଦେଖିବା ଏବଂ ସକାଳ ସନ୍ଧ୍ୟାରେ ନମସ୍କାର କରିବା ଇତ୍ୟାଦି କୃତ୍ୟ ଭୁଲ୍ ଅଟେ ।

ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସ କୁହନ୍ତି: "ହ. ସୁଫି ଗୁଲାମ୍ ମୁହମ୍ମଦ୍ ସାହେବ ବର୍ଣ୍ଣନା କରନ୍ତି ଯେ, ଆମେରିକା ଏବଂ ବିଲାତର କେତେକ ଲୋକମାନଙ୍କର ଏହି ଇଚ୍ଛା ଥିଲା କି ସେମାନେ ଦାବିକତର୍ତ୍ତା ହ. ମସିହ୍ ମଉଦ୍ ଅ.ସଙ୍କର ଚିତ୍ରକୁ ଦେଖିବାକୁ ଚାହୁଁଛୁ ତେଣୁ ସେହି ଉଦ୍ଦେଶ୍ୟରେ ହୁଜୁର୍ ଅ.ସଙ୍କର ଫଟୋ ଲଗା ଯାଇଥିଲା ।" ହୁଜୁର ଅନୱର୍ ଅ.ବ କହିଲେ, ଏଠାରେ ଅବ୍‌ଦୁଲ୍ ମୁହି ନାମକ ଜଣେ ଆରବ୍ୟ ବ୍ୟକ୍ତି ରୁହନ୍ତି, ସେ ମଧ୍ୟ ଅନେକ କାର୍ଡ଼ ଛପାଇ ଥିଲେ, ସେହି କାର୍ଡ଼ ଉପରେ ହୁଜୁର ଅ.ସଙ୍କର ଚିତ୍ର ଛପା ହୋଇଥିଲା । ଯେତେବେଳେ ହୁଜୁର ଅ.ସଙ୍କୁ ଏଥି ସଂକ୍ରାନ୍ତରେ ଜ୍ଞାତ ହେଲା ଯେ, କାର୍ଡ଼ ଉପରେ, ପୋଷ୍ଟ କାର୍ଡ଼ ଉପରେ ଆପଣ ଅ.ସଙ୍କ ଚିତ୍ର ଲାଗିଛି ସେତେବେଳେ ଆପଣ ଅ.ସ କ୍ଷୁବ୍ଧ ହେଲେ ଏବଂ କହିଲେ, ମହୋଦୟ ! ମୁଁ ଧାର୍ମିକ ଆବଶ୍ୟକତା ସକାଶେ ନିଜର ଚିତ୍ରୋତ୍ତୋଳନ କରିଥିଲି । ସାଂସାରିକ ଉଦ୍ଦେଶ୍ୟ ସକାଶେ ମୁଁ ଚିତ୍ରୋତ୍ତୋଳନ କରି ନାହିଁ । ମୁଁ ଉକ୍ତ କଥାକୁ ଅପ୍ରିୟ ତଥା ନାପସନ୍ଦ୍ ବୋଲି ମନେକରୁଛି ଯେ, ମୋ ଚିତ୍ରକୁ ଜୀବୀକାର୍ଜନର ମାଧ୍ୟମ କରି ନିଆଯାଉ । ପରବର୍ତ୍ତୀ ସମୟରେ ଏହା ଶିର୍କ ଅଭିମୁଖେ ଅଗ୍ରସର କରାଇଥାଏ । ସୁତରାଂ ସେହି କାର୍ଡ଼ସବୁକୁ ନଷ୍ଟ କରିଦିଆ ଯାଇଥିଲା ।"

**(ରିୱାୟାତେ ଅସହାବେ ଅହମଦ୍, ଗ୍ରନ୍ଥଖଣ୍ଡ-3, ପୃ-408)**

ହ. ମୌଲାନା ଗୁଲାମ୍ ରସୁଲ୍ ସାହେବ ରାଜିକି ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ କଲି ଏବଂ ମୁଁ ହୁଜୁର୍ ଅ.ସଙ୍କ ସେବାରେ ଏକ ପତ୍ର ଲେଖିଲି ଯେ, "ହୁଜୁର୍ ! ମୁଁ ଏହି ପ୍ରକାର ୱଜାଏଫ୍ (ଈଶ୍ୱର ଚର୍ଚ୍ଚା) କିରଥାଏ ଏବଂ ମହୋଦୟ ଏହା ମଧ୍ୟ କହିଲେ, ଯେ, ହୁଜୁର୍ ! ମୁଁ ଯେବେ ଠାରୁ ବୈଅତ୍ କରି ଆସିଛି ସେବେ ଠାରୁ ଯେଉଁ ପୀରମାନେ ରହିଥିଲେ ସେମାନଙ୍କ ଶିଷ୍ୟମାନଙ୍କ କହିବାରୁ ସେମାନଙ୍କ ନାମ ଓ ଚିତ୍ର ମନରେ ରଖୁଥିଲେ । ତେଣୁ ମୁଁ ଏହା ଭାବିଲି ଯେ, ଯଦି ସାଧାରଣ ପୀର ବାବାଙ୍କର ଶିଷ୍ୟମାନେ ନିଜ ପୀର ବାବାଙ୍କ ଚିତ୍ରକୁ ଅର୍ଥାତ୍ ନାମକୁ ନିଜ ମନ ଭିତରେ ଉଚ୍ଚାରଣ କରନ୍ତି ତେବେ ମୋର ମାର୍ଗଦର୍ଶକ, ଧର୍ମଗୁରୁ ଯିଏ ଈଶ୍ୱରଙ୍କର ପ୍ରତିଶୃତ ମସିହ୍ ଅଟନ୍ତି ଏବଂ ଅଙ୍ଗୀକୃତ ମେହ୍‌ଦୀ ମଧ୍ୟ ଅଟନ୍ତି ମୁଁ ତାଙ୍କର ଅର୍ଥାତ୍ ଆପଣ ଅ.ସଙ୍କର ନାମ କାହିଁକି ଉଚ୍ଚାରଣ କରିବି ନାହିଁ। ଅର୍ଥାତ୍ କଳ୍ପନାରେ ନିଜ ମନରେ ଆପଣ ଅ.ସଙ୍କ ଛବିକୁ ନିଜ ମନରେ ଆସନ୍ନିତ କରିନେବି ଓ ପୁନଶ୍ଚ ପ୍ରତ୍ୟେକ ଦିନ ସେହି ଛବିକୁ ଧରି ନିଜର ପ୍ରତ୍ୟେକ ଅଭିପ୍ରାୟ ଓ ଆକାଂକ୍ଷାକୁ ପୂରଣ କରିବା ସକାଶେ ଉଦ୍ୟମ ଯଦି କରିବି ତାହାହେଲେ ଆପଣ ଅ.ସଙ୍କ ଛବି ସେହି ସମସ୍ତ ପୀରମାନଙ୍କ ଛବି ଅପେକ୍ଷା ଅଧିକ କଲ୍ୟାଣମୟ ଏବଂ ଉପାଦେୟ ଓ ଉଚିତ୍ ହେବ । ଆପଣ ଅ.ସ ତ' ବୈଧ ଅଟନ୍ତି, ଅନ୍ୟ ଫକୀରମାନଙ୍କର ତ' କିଛି ଜଣା ନାହିଁ ଯେ, ସେମାନେ ବୈଧ ଅଟନ୍ତି ଅବା ନୁହେଁ । ସେହି ପୀରମାନଙ୍କର ଛବିକୁ ଧରି ଲୋକମାନେ ଏବଂ ଶିଷ୍ୟମାନେ ଘୂରି ବୁଲିଥାଆନ୍ତି । ତେବେ ମୁଁ କାହିଁକି ଆପଣ ଅ.ସଙ୍କ ଛବିକୁ ନିଜ ହୃଦୟ ମଧ୍ୟରେ ରଖି ବୁଲିବି ନାହିଁ ।" ହ. ରାଜିକି ସାହେବ ର.ଅ କୁହନ୍ତି: "ଯେତେବେଳେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଉକ୍ତ ପତ୍ର ଲେଖିଲି ସେତେବେଳେ ମୌଲବୀ ଅବ୍‌ଦୁଲ୍ କରୀମ୍ ସ.ଅ ର.ଅଙ୍କ ହସ୍ତ ଲିଖିତ ପତ୍ର ହ. ମସିହ୍ ମଉଦ୍ ଅ.ସ ପକ୍ଷରୁ ମୋତେ ହସ୍ତଗତ ହେଲା, ଯହିଁରେ ଏହା ଉଲ୍ଲେଖ ରହିଥିଲା ଯେ,

"تصوّرِ مخلوق سے بجز شرک کے اَور کوئی نتیجہ نہیں"

ମହୋଦୟ ! ଆପଣ ଯେଉଁ କଳ୍ପନାତ୍ମକ ଚିତ୍ର କଥା କହୁଛନ୍ତି ତହିଁରୁ କେବଳ ଶିର୍କ ବ୍ୟତୀତ ଅନ୍ୟ କିଛି ସୃଷ୍ଟି ହେବ ନାହିଁ । "ଅଲ୍ଲାଃତାଲାଙ୍କ ଚର୍ଚ୍ଚା ସକାଶେ ଅଲ୍ଲାଃତାଲାଙ୍କ ନାମ ହିଁ ଯଥେଷ୍ଟ ଅଟେ ଏବଂ ଦୁରୁଦ୍ ଶରୀଫ୍ ତାହା ପାଠ କରିବା ଉଚିତ୍ ଯାହା ଉପରେ ଆଁହଜରତ୍ ସ.ଅଙ୍କ ସୁନ୍ନତ୍‌ର ମୋହର ବାଜିଥିବ ।" ଉକ୍ତ ପତ୍ର ହସ୍ତଗତ ହେବା ପରେ ମୁଁ (ମୌଲାନା ଗୁଲାମ୍ ରସୁଲ୍ ରାଜିକି ସାହେବ ର.ଅ) ସେହି ମୁହୂର୍ତ୍ତରେ ହିଁ ମନ ମଧ୍ୟରେ ଥିବା କଳ୍ପନାତ୍ମକ ଚିତ୍ରକୁ ପରିତ୍ୟାଗ କରିଦେଲେ ଏବଂ ପୂର୍ବ ୱଜାଏଫ୍ ମଧ୍ୟ ସହ୍‌ସା ପରିତ୍ୟାଗ କରିଦେଲି ।

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-4, ପୃ-329-330)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମାଷ୍ଟର ସୈୟେଦ୍ ନଜୀର୍ ଅହମଦ ସାହେବ ର.ଅ କୁହନ୍ତି: "ମୋତେ କାଦିୟାନ ପ୍ରବାସ କରି ଆସିଥିବା ସ୍ୱର୍ଗତ ସୈୟେଦ୍ ଫଜଲ୍ ଶାହ୍ ସାହେବ ବର୍ଣ୍ଣନା କଲେ ଯେ, ଏକଦା ଜଣେ ବନ୍ଧୁ ହ. ମସିହ୍ ମଉଦ୍ ଅ.ସଙ୍କୁ ଧାତୁବାଦ ବା ରସାୟନ କାର୍ଯ୍ୟ (ତମ୍ବାରୁ ସୁନା ପ୍ରସ୍ତୁତ କରିବା ବା ସୁନା ରୂପା କାର୍ଯ୍ୟ କରୁଥିବା ବଣିଆ) ସଂପର୍କରେ ପଚାରିଲେ । ପ୍ରତ୍ୟୁତ୍ତରରେ ହୁଜୁର ଅ.ସ କହିଲେ, କିମିୟାଗର (ତମ୍ବା ଧାତୁରୁ ସୁନା ପ୍ରସ୍ତୁତ କରୁଥିବା ବ୍ୟକ୍ତି ବା କୁଶଳୀ ବ୍ୟକ୍ତି) ଜୀବୀକା ଅନ୍ୱେଷଣରେ ଏଣେତେଣେ ଧାଇଁ ବୁଲନ୍ତି । କିନ୍ତୁ ସେମାନେ ସେହି ସଠିକ୍ ସାଧନକୁ ବିନିଯୋଗ କରନ୍ତି ନାହିଁ ଯେଉଁ ସାଧନଗୁଡ଼ିକୁ ଅଲ୍ଲାଃତାଲା ବୈଧ ରୂପେ ଜୀବୀକା ଅନ୍ୱେଷଣ ନିମନ୍ତେ ଧାର୍ଯ୍ୟ କରିଛନ୍ତି । କିମିୟାଗରମାନଙ୍କୁ ବିଶ୍ୱାସର ମର୍ଯ୍ୟାଦା ପ୍ରାପ୍ତ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହୋଇ ନଥାଏ । ତେଣୁ ସେମାନେ ଉଚିତ୍ ପନ୍ଥା ଏବଂ ମାଧ୍ୟମକୁ ପରିତ୍ୟାଗ କରି ସ୍ୱୟଂ ଅନ୍ୟ ଏକ ମାର୍ଗ ପ୍ରସ୍ତୁତ (ଅବଲମ୍ବନ) କରି ନେଇଥାଆନ୍ତି । ସେମାନେ ଏହା ଜାଣନ୍ତି ନାହିଁ ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି وَفِي السَّمَاءِ رِزْقُكُمْ وَمَا تُوعَدُونَ **(ଅଜ୍ ଜାରିୟାତ୍:23)** ଅର୍ଥାତ୍ ଆକାଶରେ ମଧ୍ୟ ତୁମମାନଙ୍କର ଜୀବିକା ରହିଅଛି ଏବଂ ଏହା ବ୍ୟତୀତ ଯାହାକିଛି ଅଙ୍ଗୀକାର କରାଯାଇଛି ତାହା ମଧ୍ୟ ରହିଅଛି। ମୁଁ ତ' ଅଶୁଭ ବ୍ୟକ୍ତିମାନଙ୍କୁ ସବୁଠୁ ବଡ଼ ମୁଶରିକ୍ ବୋଲି ମନେକରୁଛି । ଈଶ୍ୱର ନିଜର ପବିତ୍ର ବାଣୀ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ରେ ବିଶ୍ୱାସକାରୀମାନଙ୍କୁ ଧାତୁ ତଥା ରସାୟନ ବିଦ୍ୟା ସଂପର୍କରେ ଏକ ପଥ୍ୟ ଶିଖାଇଛନ୍ତି, ଯେଉଁ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ଅଲ୍ଲାଃତାଲା ତ' ଆକାଶରୁ ଜୀବିକା ପ୍ରଦାନ କରିଥାଆନ୍ତି ଯେପରି ଅଲ୍ଲାଃତାଲା ଅଙ୍ଗୀକାର କରିଛନ୍ତି । କିନ୍ତୁ ସେହି ଜୀବୀକା ସେହିମାନଙ୍କୁ ହିଁ ମିଳିଥାଏ ଯେଉଁମାନେ ତାହାଙ୍କ ଆଡ଼କୁ ଆନତ ହୁଅନ୍ତି ।"

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ବିଶ୍ୱାସକାରୀକୁ ଧାତୁବାଦ ବା ରସାୟନବାଦର ଏକ ପଥ୍ୟ ସଂପର୍କରେ ଶିକ୍ଷା ଦେଇଥାଆନ୍ତି । ସେହି ପଥ୍ୟକୁ କାର୍ଯ୍ୟାକାରୀ କରିବା ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ପ୍ରକୃତ କିମିୟାଗର (ଧାତୁବଦ) ବ୍ୟକ୍ତି ହୋଇଯାଇଥାଏ ଏବଂ ଈଶ୍ୱର ତା'ର ଆବଶ୍ୟକତାକୁ ସ୍ୱୟଂ ପୂରଣ କରିଥାଆନ୍ତି । ସୁତରାଂ ଈଶ୍ୱର କୁହନ୍ତି: وَمَنْ يَتَّقِ اللّٰهَ يَجْعَلْ لَّهٗ مَخْرَجًا وَّيَرْزُقْهُ مِنْ حَيْثُ لَا يَحْتَسِبُ **(ଅତ୍ ତଲାକ୍: 3-4)** ଅର୍ଥାତ୍ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରିବ ଅଲ୍ଲାଃ ତା' ସକାଶେ କୌଣସି ନା କୌଣସି ପଥ ଉନ୍ମୁକ୍ତ କରିଦେବେ ଏବଂ ତା'କୁ ଏପରି ସ୍ଥାନରୁ ଜୀବିକା ପ୍ରଦାନ କରିବେ ଯେଉଁ ସ୍ଥାନରୁ ଜୀବିକା ଲାଭ କରିବା ସମ୍ବନ୍ଧରେ ସେ ଧାରଣା ମଧ୍ୟ କରି ନଥିବ ।" ଯେତେବେଳେ ବିଶ୍ୱାସକାରୀକୁ ସମଗ୍ର ସଂସାରର ପୁରସ୍କାର ମିଳି ଯାଇଥାଏ ସେତେବେଳେ ସେ ଆଉ କାହା ଉପରେ ନିର୍ଭର କରି ନଥାଏ । ମୁଁ ତ' କହୁଛି ଯେ, ଯଦି କିମିୟାଗରମାନେ ନିଜର ସେହି ସମୟ ଯାହାକୁ ସେ କିମିୟାଗିରି ସକାଶେ ଅପଚୟ କରିଥାଆନ୍ତି, ସେମାନେ ଯଦି ନିଜର ସୃଷ୍ଟି କର୍ତ୍ତାଙ୍କ ପାଇଁ ଏତେ ସମୟ ଅତିବାହିତ କରିଥାଆନ୍ତି ତେବେ ସେମାନେ ନିଜର ମନସ୍କାମନାକୁ ଅବଶ୍ୟ ପ୍ରାପ୍ତ କରି ନେଇଥାଆନ୍ତେ । କିନ୍ତୁ ସର୍ତ୍ତ ଏହିକି ଯେ, ସେମାନେ ଧର୍ମପରାୟଣ ମାର୍ଗରେ ସଠିକ୍ ରୂପେ ପ୍ରତିଷ୍ଠିତ ହୋଇଯାଆନ୍ତୁ ।

**(ରିୱାୟାତେ ଅସ୍‌ହାବେ ଅହମଦ୍, ଗ୍ରନ୍ଥଖଣ୍ଡ-3, ପୃ-179)**

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ପୁଣ୍ୟ ସ୍ୱଭାବର ଲୋକମାନଙ୍କ ଉପରେ ଆପଣ ଅ.ସଙ୍କ ଏକେଶ୍ୱରବାଦର ବାଣୀ ଏବଂ ଆପଣ ଅ.ସଙ୍କ ସେଥି ନିମନ୍ତେ ଯେଉଁ କୃତ୍ୟ ରହିଥିଲା ତାହା କିପରି ପ୍ରଭାବିତ ହୋଇଥିଲା ସେଥି ସଂକ୍ରାନ୍ତରେ ଜଣେ ନୈଷ୍ଠିକ ମୁରବୀ ବ୍ୟକ୍ତିଙ୍କ ବର୍ଣ୍ଣନା ହ. ମିର୍ଜା ବଶୀର୍ ଅହମଦ ସାହେବ ବର୍ଣ୍ଣନା କରିଛନ୍ତି । "ମୀର୍ ଅବଦୁର୍ ରହମାନ୍ ସାହେବ ବାରମୂଲା ରେଞ୍ଜର ଅଫିସର ଅଟନ୍ତି, ସେ ଲିଖିତ ମାଧ୍ୟମରେ ମୋତେ ଜଣାଇଲେ ଯେ, ମୋର ପିତାଶ୍ରୀ ପୂର୍ବରୁ ହିଁ ହନଫୀ ଧର୍ମାବଲମ୍ବୀ ଥିଲେ । ପୁନଶ୍ଚ ଏହଲେ ହଦିସ୍ ହେଲେ । ବର୍ତ୍ତମାନ ସେ ନିଜର ବନ୍ଧୁ ସ୍ୱର୍ଗତ ମୌଲବୀ ମୁହମ୍ମଦ୍ ହୁସୈନ୍ ସାହେବ, ସାକିନ୍-ଆସୁର.......ଙ୍କୁ କହୁଥିଲେ ଯେ, ଆମେମାନେ ବର୍ତ୍ତମାନ ବଡ଼ ଏକେଶ୍ୱରବାଦୀ ହେବାର ଦାବି କରୁଛେ । ସମ୍ଭବତଃ ଏପରି କୌଣସି ଜମାଅତ୍ ବାହାରି ଆସିବ ଯିଏ ଆମକୁ ମଧ୍ୟ ଶିର୍କକାରୀ ବୋଲି କହିବ । ପିତାଶ୍ରୀ କୁହନ୍ତି: ସୁତରାଂ ଏହିପରି (ତାହା) ହିଁ ହେଲା । କାରଣ ଆମେମାନେ ହ. ଇସା ଅ.ସଙ୍କୁ ମୃତମାନଙ୍କୁ ଜୀବିତ କରୁଥିବା ଏବଂ ପକ୍ଷୀମାନଙ୍କର ସୃଷ୍ଟିକର୍ତ୍ତା ବୋଲି ମନେ କରିଥାଉ। କିନ୍ତୁ ଯେତେବେଳେ ମୋର କାନ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ଶୁଣିଲା-

ہے وہی اکثر پرندوں کا خدا اس خدا دانی پہ تیرے مرحبا

مولوی صاحب! یہی توحید ہے سچ کہو کس دیو کی تقلید ہے؟

ସେତେବେଳେ ମୋ ମୁଣ୍ଡରେ ହେଜ ପଶିଲା ଏବଂ ମୁଁ ତୁମ ଦୁଇ ଭାଇଙ୍କୁ ଶ୍ରୀନଗର ନିଜର ମାମୁଙ୍କ ପାଖକୁ ଛାଡ଼ିଦେଲି ଏବଂ କାଦିୟାନ୍ ପାଦରେ ଚାଲିଗଲି ଓ ସେଠାରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କଲି । ଏହି କଥା ହିଁ ମୋତେ ତବ୍‌ଲିଗ୍ କରିଦେଲା।

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-2, ପୃ-160-161, ବର୍ଣ୍ଣନା ସଂଖ୍ୟା-1229)**

ହ. ମୌଲାନା ଗୁଲାମ୍ ରସୁଲ୍ ରାଜିକି ସାହେବ ର.ଅ ବର୍ଣ୍ଣନା କରନ୍ତି: "ସମ୍ଭବତଃ 1901 ମସିହାର ଚର୍ଚ୍ଚା ହେବ । ଏକଦା ମୁଁ ହୁଜୁର ଅ.ସଙ୍କ ସେବାରେ ଉପସ୍ଥିତ ହୋଇଥିଲି, ହୁଜୁର୍ ଅ.ସ ଏକେଶ୍ୱରବାଦ ଉପରେ ଏକ ଭାଷଣ ଦେଇଦେଲେ ଏବଂ ତହିଁରେ ଆପଣ ଅ.ସ କହିଲେ, କେତେକ ଲୋକମାନେ କୌଣସି ଉପକାର ଉପରେ اَلْحَمْدُ لِلّٰهِ ନକହି جَزَاكَ اللّٰهُ କହି ଦେଇଥାଆନ୍ତି । କିନ୍ତୁ ଉଦ୍ଦେଶ୍ୟ ତଥା କାରଣ ଦୃଷ୍ଟିରୁ ଯଦି ଅବଲୋକନ କରାଯାଏ ତେବେ ଅଧ୍ୟାତ୍ମ ଦୃଷ୍ଟିରୁ ଏହି ବାଣୀ ମଧ୍ୟ ନିଜ ମଧ୍ୟରେ ଏକ ପ୍ରକାରର ଶିର୍କର ପକ୍ଷ ନିହିତ ରଖିଥାଏ । କାରଣ ଉପକାରକାରୀର ଅସ୍ତିତ୍ୱ ଏବଂ ସେହି ବସ୍ତୁ ଯାହା ମାଧ୍ୟମରେ ସେ ଉପକାରକାରୀ ହୋଇଛି ସେ (ତାହା) ମଧ୍ୟ ବାସ୍ତବରେ ଅଲ୍ଲାଃତାଲାଙ୍କ ଦ୍ୱାରା ସୃଷ୍ଟ ଏକ ବସ୍ତୁ ଅଟେ । ତେଣୁ କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ପକ୍ଷେ ଏହା ଉଚିତ ହେବ କି ସେ **ଯଜାକଲ୍ଲାଃ** କହିବା ପୂର୍ବରୁ ଅଲ୍ଲାଃତାଲାଙ୍କ ପ୍ରଶଂସା ଓ ତାହାଙ୍କ ମହିମା ବର୍ଣ୍ଣନା କରୁ ଓ ଉପକାର ହେବା ସମୟରେ **ଅଲ୍‌ହମ୍‌ଦୁଲିଲ୍ଲାଃ** କହୁ। କାରଣ ଅଧ୍ୟାତ୍ମ ଏବଂ ବାସ୍ତବିକତା ଦୃଷ୍ଟିରୁ ଏହା ଜରୁରୀ ଅଟେ ଯେ, ସର୍ବ ପ୍ରଥମେ ସାଧନ ସୃଷ୍ଟିକର୍ତ୍ତାଙ୍କର କୃତଜ୍ଞତା ଜ୍ଞାପନ କରାଯାଉ ଓ ପୁନଶ୍ଚ ଯେଉଁ ବ୍ୟକ୍ତି ଉପକାର କରିଛି ସେହି ବ୍ୟକ୍ତିରମଧ୍ୟ କୃତଜ୍ଞତା ଜ୍ଞାପନ କରୁ ।" **(ହୟାତେ କୁଦ୍‌ସି, ପୃ-134)**

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ଭାଇ ଅବଦୁର୍ ରହମାନ୍ ସାହେବ କାଦିୟାନୀ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ଅନ୍ତିମ ଯାତ୍ରା ଲାହୋରର ବିବରଣୀ ଉପରେ ଏକ ବିଷୟବସ୍ତୁ ଲେଖିଛନ୍ତି । ସେହି ବିବରଣୀଟି ଏହିପରି ଯେ, "ଦିନ ଯେତେବେଳେ ବୃଦ୍ଧି ପାଇଲା ସେତେବେଳେ ପ୍ରବନ୍ଧକମାନେ ନିମନ୍ତ୍ରଣ ବ୍ୟବସ୍ଥା ଆରମ୍ଭ କଲେ । ବ୍ୟବସ୍ଥା ହେଉ ହେଉ ସମ୍ମାନିତ ଅତିଥି ଗଣ ଏବଂ ସାଧୁ ସଜ୍ଜନ ବ୍ୟକ୍ତିମାନଙ୍କର ଗାଡ଼ି ଘୋଡ଼ା ଆସିବାକୁ ଲାଗିଲା । କିନ୍ତୁ ହ. ସାହେବ ଅ.ସଙ୍କ ସ୍ୱାସ୍ଥ୍ୟାବସ୍ଥା (ହ. ମସିହ୍ ମଉଦ୍ ଅ.ସ ସେଠାରେ ଉଦ୍‌ବୋଧନ ଦେଇଥାଆନ୍ତେ) ପୂର୍ବବତ ଦୁର୍ବଳରୁ ଅତି ଦୁର୍ବଳ ହୋଇ ଯାଇଥିଲା । ଦୁର୍ବଳର ଏହି ଅବସ୍ଥା ଥିଲା ଯେ, ଏହି ଦୁର୍ବଳାବସ୍ଥା ଯୋଗୁଁ ଆପଣ ଅ.ସ ଭାଷଣ ଦେବେ ବୋଲି ଆଦୌ ଆଶା କରାଯାଉ ନଥିଲା । ଏହି ଧାରଣାକୁ କେନ୍ଦ୍ର କରି ହୁଜୁର୍ ଅ.ସ ମୌଲାନା ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କୁ ଆଦେଶ ମଧ୍ୟ ପ୍ରେରଣ କଲେ ଯେ, ଆପଣ ହିଁ ଆସିଥିବା ଅତିଥିମାନଙ୍କର ଆଧ୍ୟାତ୍ମିକ ନିମନ୍ତ୍ରଣର କିଛି ବ୍ୟବସ୍ଥା କରନ୍ତୁ ।

ସୁତରାଂ ଯଥା ସମୟରେ ହ. ମୌଲବୀ ସାହେବ ର.ଅ ଭାଷଣ ଦେବା ଆରମ୍ଭ କରିଦେଲେ । କିନ୍ତୁ କିଛି ସମୟରେ ପରେ ସେହି ଆଲୋକିତ ଚନ୍ଦ୍ର ସ୍ୱୟଂ ଆମ ଉପରେ ଉଦିତ ହେଲେ । ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ କିଛି ସମୟ ପରେ ସ୍ୱୟଂ ଆସିଲେ । ହ. ମୌଲବୀ ସାହେବ ଭାଷଣ ବନ୍ଦ କରିଦେଲେ ଏବଂ ହୁଜୁର୍ ପୁର ନୁର୍ ଛିଡ଼ା ହୋଇ ଉପସ୍ଥିତ ଶ୍ରୋତାମାନଙ୍କୁ ନ୍ୟୁନାଧିକ 3 ଘଣ୍ଟା ପର୍ଯ୍ୟନ୍ତ ବଳିଷ୍ଠ ଉଦ୍‌ବୋଧନ ଦେଲେ ।କେଉଁଠି ସେହି ଅସୁସ୍ଥାର ଏହି ଅବସ୍ଥା ରହିଥିଲା, କିପରି ଆପଣ ଅ.ସ ସଭାକୁ ଆସି ଥାଆନ୍ତେ, କିନ୍ତୁ ଯେତେବେଳେ ଆପଣ ଅ.ସ ଆସିଲେ ସେତେବେଳେ ଆପଣ ଅ.ସ ଅହରହ 3ଘଣ୍ଟା ପର୍ଯ୍ୟନ୍ତ ଅଧ୍ୟାତ୍ମପୂର୍ଣ୍ଣ ଓ ଅଧ୍ୟାତ୍ମ ପରିଚୟ ସମ୍ବଳିତ ଏପରି ଭାଷଣ ଦେଲେ ଯେ, ପର ଆପଣା ସମସ୍ତେ ଅତ୍ୟୁତ୍ତମ ଅତ୍ୟୁତ୍ତମ କହି ଉଠିଲେ । ଶ୍ରୋତାମାନେ ଏପରି ନିମଗ୍ନତାର ସହିତ ଭାଷଣ ଶୁଣୁଥିଲେ ଯେପରିକି ସେମାନଙ୍କ ଉପରେ ଯାଦୁ ହୋଇ ଯାଇଥିଲା ଏବଂ ସେମାନେ ଆଧ୍ୟାତ୍ମିକ ଆହାର ଦ୍ୱାରା ଏପରି ଆସ୍ୱାଦିତ ହେଲେ ଯେ, ଶାରୀରୀକ ଆହାର ଠାରୁ ମଧ୍ୟ ସେମାନେ ଦୂରରେ ରହିଲେ । ସେମାନେ ଶାରୀରୀକ ଆହାର ଉପରେ ନିର୍ଭର କଲେ ନାହିଁ ............ ।

ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ହୁଜୁର ଅ.ସ ଭାଷଣରେ ଏପରି ନିରନ୍ତରତା ଥିଲା ଯେ, ନୋଟ୍ ଲେଖିବାକୁ କଷ୍ଟ ଅନୁଭୂତ ହେଉଥିଲା ଏବଂ ବର୍ଣ୍ଣନାରେ ଏତେ ଶକ୍ତି, ବୈଭବ୍ୟତା ଓ ଐଶ୍ୱର୍ଯ୍ୟତା ଥିଲା ଯେ, ସମଗ୍ର ଉପସ୍ଥିତ ସଭାରେ କାହାରି ନିଃଶ୍ୱାସ ପ୍ରଶ୍ୱାସର ଗତିବିଧି ମଧ୍ୟ ଅନୁଭୂତ ହେଉ ନଥିଲା । ହୁଜୁର୍ ଅ.ସ ଏତେ ଉତ୍ସାହର ସହିତ ଭାଷଣ ଦେଉଥିଲେ ଯେ, ଭାଷଣ ଦେବା ସହିତ ହୁଜୁର୍ ଅ.ସ ସ୍ୱୟଂ ମଧ୍ୟ ଶ୍ରୋତାମଣ୍ଡଳୀଙ୍କ ଆଡ଼କୁ ଅଗ୍ରସର ହୋଇ ଯାଉଥିଲେ । ମୁଁ ଉକ୍ତ କଥାକୁ ସ୍ୱଚକ୍ଷୁରୁ ଦେଖି ଏବଂ ନୋଟ୍ ମଧ୍ୟ କରିଛି ଯେ, ହୁଜୁର୍ ଅ.ସ ମଞ୍ଚ ଉପରୁ ଅନେକ ଥର କିଛି କିଛି ପାଦ ଆଗକୁ ବଢାଇ ଚାଲିଥିଲେ । ହୁଜୁର୍ ଅ.ସ ମେଜ (ମଞ୍ଚର ଟେବୁଲ)କୁ ଆଗକୁ ଧରି ଛିଡ଼ା ହୋଇ ନଥିଲେ ବରଂ ମେଜ (ମଞ୍ଚର ଟେବୁଲ)ଟି ହୁଜୁର ଅ..ସଙ୍କ ପଛରେ ରହିଥିଲା । କହିବାର ତାତ୍ପର୍ଯ୍ୟ ଏହିକି ଯେ, ମଞ୍ଚର ଯେଉଁ ଟେବୁଲଟି ରହିଥିଲା ତାହା ଏପରି ନଥିଲା ହୁଜୁର୍ ଅ.ସ ସେହି ମଞ୍ଚର ପଛରେ ଛିଡ଼ା ହୋଇ ଭାଷଣ ଦେଉଥିଲେ। ବରଂ ଆପଣ ଅ.ସ ମଞ୍ଚ ସମ୍ମୁଖରେ ଛିଡ଼ା ହୋଇ ଉଦ୍‌ବୋଧନ ଦେଉଥିଲା । ତେଣୁ ଭାଷଣ ସମୟରେ ଉତ୍ସାହରେ ଗୋଟିଏ ଦୁଇ ପାଦ ଆଗକୁ ମଧ୍ୟ ଚାଲି ଯାଉଥିଲା ।"

ହୁଜୁର ଅ.ସଙ୍କ ଭାଷଣ ଡାକ୍ତର ସୟେଦ୍ ମୁହମ୍ମଦ୍ ହୁସୈନ ଶାହ୍ ସାହେବଙ୍କ ବାସ ଭବନର ପ୍ରାଙ୍ଗଣରେ ଅତି ବେଶୀରେ ହୁଜୁର୍ ଅ.ସଙ୍କ ମୃତ୍ୟୁର 10 ଦିନ ପୂର୍ବେ ହୋଇଥିଲା । ଉକ୍ତ ଭାଷଣକୁ ତକ୍‌ମିଲେ ତବ୍‌ଲିଗ୍ (ପ୍ରଚାର ସଂପୂର୍ଣ୍ଣ ହେବା) ଓ ଅତ୍‌ମାମେ ହୁଜତ୍ (ପ୍ରମାଣ ସିଦ୍ଧ ହେବା) ନାମରେ ସ୍ମରଣ କରାଯାଏ (ଖ୍ୟାତ ଅଟେ) । ଅଭିଜ୍ଞ ଇଂରେଜ ଜ୍ୟୋତିଷ୍କ ସହିତ କଥୋପକଥନ ଖ୍ୱାଜା କମାଲୁଦ୍ଦୀନ୍ ସାହେବଙ୍କ


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family, B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ବାସ ଭବନର ଉପର ମହଲାରେ ଏହା ପୂର୍ବରୁ ହୋଇ ସାରିଥିଲା । ଅର୍ଥାତ୍ ତାହା ଅତ୍ୟନ୍ତ ପ୍ରଚାରିକପୂର୍ଣ୍ଣ ଗସ୍ତ ଥିଲା । ସେହି ଭାଷଣ ବ୍ୟତୀତ ହୁଜୁର୍ ଅ.ସଙ୍କ ଅନେକ ଛୋଟ ବଡ଼ ଭାଷଣ ମଧ୍ୟ ରହିଛି ଯାହା ଆପଣ ଅ.ସ ଦେଇଥିଲେ ।....''

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଭାଇ ଅବଦୁର୍ ରହମାନ୍ ସାହେବ ର.ଅ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ସେହି ମସୟରେ ଅର୍ଥାତ୍ ପୈଗାମେ ସୁଲାହ୍ ଲେଖିବା ସମୟରେ କେତେକ ହିନ୍ଦୁ ମହିଳାମାନେ ହୁଜୁର୍ ଅ.ସଙ୍କୁ ଦର୍ଶନ (ସାକ୍ଷାତ୍) କରିବା ଉଦ୍ଦେଶ୍ୟରେ ଏକ ପ୍ରତିନିଧି ସମୂହ ରୂପେ ଉପସ୍ଥିତ ହେଲେ । ଅପରପକ୍ଷେ ହୁଜୁର୍ ର.ଅ ଡାକ୍ତର ସୈୟେଦ୍ ମୁହମ୍ମଦ୍ ହୁସେନ୍ ଶାହ୍ ସାହେବଙ୍କ ବାସ ଭବନରେ ବିରାଜମାନ ଥିଲେ । ଯେହେତୁ ହୁଜୁର୍ ଅ.ସ ବହୁତ କାର୍ଯ୍ୟବ୍ୟସ୍ତ ରହିଥିଲେ । ତେଣୁ ହୁଜୁର୍ ଅ.ସ ସେମାନଙ୍କୁ ଶୀଘ୍ର ବିଦା (ପଠାଇବାକୁ) କରିବାକୁ ଚାହୁଁଥିଲେ । କିନ୍ତୁ ସେମାନେ କ୍ଷମା ଚାହିଁଲେ ଏବଂ ଜୋର୍ ଦେଲେ ଏବଂ ସେମାନ ହୁଜୁର୍ ଅ.ସଙ୍କୁ ଉପଦେଶ ଦେବା ନିମନ୍ତେ ଅନୁରୋଧ କଲେ । ସେମାନେ ଏପରି ଢଙ୍ଗରେ ଅନୁରୋଧ କଲେ ଯେ, ହୁଜୁର ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ସେମାଙ୍କର ଅନୁରୋଧ ରକ୍ଷା କଲେ ଏବଂ ସେମାନଙ୍କୁ ଏକେଶ୍ୱରବାଦ ନିମନ୍ତେ ଅନୁପ୍ରାଣିତ କଲେ ଓ ପିତୁଳା ପୂଜା ଠାରୁ ବାରଣ କଲେ । ହୁଜୁର ଅ.ସ ସେମାନଙ୍କୁ କହିଲେ, ହେ ମହିଳାମାନେ ତୁମେମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବ । ଅତଏବ୍ ହୁଜୁର୍ ଅ.ସ ସେମାନଙ୍କୁ ଏହି ତାଗିଦ୍ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାକି ଠିକ୍ ଗୋଟେ ଦୁଇ ଦିନର ଘଟଣା ଅଟେ । ବାସ୍ତବରେ ସେହି ମହିଳାମାନେ ଅଧିକ ସମୟ ପର୍ଯ୍ୟନ୍ତ ରହିବାକୁ ଚାହୁଁଥିଲେ ଏବଂ ହୁଜୁର୍ ଅ.ସଙ୍କୁ ପବିତ୍ର ତୁଣ୍ଡରୁ ଅନେକ କିଛି କଥା ଶୁଣିବାକୁ ଚାହୁଁଥିଲେ । କିନ୍ତୁ ହୁଜୁର୍ ଅ.ସଙ୍କ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତତା ଯୋଗୁଁ ବାଧ ହୋଇ ଇଚ୍ଛା ନଥିବା ସତ୍ତ୍ୱେ ପ୍ରସ୍ଥାନ କଲେ (ଚାଲିଗଲେ) । ଏହିପରି ଭାବରେ ହୁଜୁର୍ ଅ.ସଙ୍କ ଆଉ ଏକ ଭାଷଣ ରିହଛି । ହୁଜୁର ଅ.ସ ନିଜର କେତେକ ପଂକ୍ତି ଯୋଗୁଁ ତଥା ଶେଷ ହେବା ଯୋଗୁଁ ବିଶେଷ ରୂପେ ବିଖ୍ୟାତ ଏବଂ ଖୁଦ୍ଦାମଙ୍କ ତୁଣ୍ଡରେ ରହିଛି । ସେହି ପଂକ୍ତିରେ ହୁଜୁର ଅ.ସ କହିଥିଲେ ଯେ,

عیسٰی مسیح کو مرنے دو کہ اس میں اسلام کی زندگی ہے
”مسیح محمدی کو آنے دو کہ اسی میں اسلام کی بزرگی ہے۔

**(ତଡିକ୍ସା ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-2, ପୃ-391-394)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ଆପଣ ଅ.ସଙ୍କ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଉତ୍କଣ୍ଠା, ବେଦନା ଓ ବ୍ୟକୁଳାବସ୍ଥା । ରୋଗ, କାର୍ଯ୍ୟବ୍ୟସ୍ତତା ହେବା ସତ୍ତ୍ୱେ ଇସଲାମ୍ ଧର୍ମର ସନ୍ଦେଶ ଏବଂ ଓ ଏକେଶ୍ୱରଙ୍କ ବାର୍ତ୍ତା ପହଞ୍ଚାଇବା ନିମନ୍ତେ ଆପଣ ଅ.ସ କୌଣସି କଥା ପ୍ରତି ଭ୍ରୂକ୍ଷେପ କରୁ ନଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ଏକେଶ୍ୱର ବାର୍ତ୍ତା ପହଞ୍ଚାଇବା ଏବଂ ତାହାକୁ ନିଜ ଜୀବନର ଏକ ଅଙ୍ଗ ରୂପେ କରିବା ନିମନ୍ତେ ଆମମାନଙ୍କୁ ଭରପୁର ଉଦ୍ୟମ କରିବା ଉଚିତ୍ । ଏହି କାର୍ଯ୍ୟଟି ଆଜି ମସିହେ ମୁହମ୍ମଦିଙ୍କ ଗୋଲାମ୍ (ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ସତ୍ୟବାଦୀ ଦାସ୍ ହ. ମିର୍ଜା ଗୁଲାମ୍ ଅହମଦି ଅ.ସ)ଙ୍କର କାର୍ଯ୍ୟ ଅଟେ । ଅଲ୍ଲାଃତାଲା ଆମମାନଙ୍କୁ ଏହାକୁ ସମ୍ପାଦନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକଥା ଜଣା ଯେ, ସେମାନେ କ'ଣ ହେଉଛନ୍ତି ? କହିବାକୁ ଗଲେ ଯୁଦ୍ଧ ବିରତି ବା ଅସ୍ତ୍ର ବିରତି ହୋଇଛି । କିନ୍ତୁ ଏହା ବେଶୀ ଦେରି ପର୍ଯ୍ୟନ୍ତ ଦୃଶ୍ୟମାନ ହେଉ ନାହିଁ । ବରଂ ଏବେ ଠାରୁ ତହିଁରେ ଫାଟ ସୃଷ୍ଟି ହେବା ଆରମ୍ଭ ହେଲାଣି । ଇସ୍ରାଇଲ୍ ରାଷ୍ଟ୍ର ପକ୍ଷରୁ ଏହି ଚେଷ୍ଟା ରହିଛି ଯେ, କୌଣସି ମତେ ଲେବ୍‌ନାନ୍ ଉପରେ ଆକ୍ରମଣ କରି ଇରାନୀୟମାନଙ୍କୁ ଉତ୍ତେଜିତ କରାଯାଉ ଏବଂ ସେମାନେ ଅର୍ଥାତ୍ ଇରାନ୍ ଏହାର ଜବାବ୍ ଦେଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ତ' କେତେକ ଇଉରୋପୀୟ ନେତାମାନେ ମଧ୍ୟ ଇସ୍ରାଇଲ୍‌ର ଉକ୍ତ କୃତ୍ୟକୁ ନିନ୍ଦା କରିଛନ୍ତି । ସେ ଯାହା ହେଉ କେହି ନା କେହି ସ୍ୱର ଉତ୍ତୋଳନ କଲା । ସେହି ଲୋକମାନେ କିଛି ନା କିଛି ଚରିତ୍ରର ପରିପ୍ରକାଶ କଲେ । କିନ୍ତୁ ଏମାନେ ଏହି ପର୍ଯ୍ୟନ୍ତ ସୀମିତ ରହିବେ । ଏମାନଙ୍କ ମଧ୍ୟରେ ଏତିକି ହିଁ ଚରିତ୍ର ରହିଛି । ଏହାଠୁ ଆଗରୁ ନା ଏମାନେ ଉଦ୍ୟମ କରିବାକୁ ଚାହୁଁଛନ୍ତି ଓ ନା ହିଁ ସେମାନଙ୍କ ମଧ୍ୟରେ ସାହସ ଓ ଶକ୍ତି ରହିଛି । ସେ ଯାହା ହେଉ ଆମମାନଙ୍କୁ ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ମୁସଲମାନ ଜଗତ ଉପରେ ଦୟାବତୀର୍ଣ୍ଣ କରନ୍ତୁ । **ଆମିନ୍ ।**
**(ଅଲ୍‌ଫଜ୍‌ଲ୍ ଇଣ୍ଟରନ୍ୟାସନଲ୍, 1 ମେ 2026 ମସିହା, ପୃ-2-8)**☆☆☆

## ବିଗତ ସଂଖ୍ୟା 21, ପୃ-10 ରେ ବର୍ଣ୍ଣିତ ସିରତ୍ ଖାତମୁନ୍ ନବୀୟିନ୍‌ର ଅବଶିଷ୍ଟାଂଶ.....

ସେ ଯାହା ହେଉ ହ. ଇବ୍ରାହିମ୍ ଅ.ସଙ୍କ ହ. ହାଜ୍‌ରାହ୍ ଓ ଇସ୍‌ମାଇଲ୍ ଅ.ସଙ୍କୁ ମକ୍କାର ନିର୍ଜନ ଭୂମିରେ ବସତି ସ୍ଥାପନ କରି ଫେରିଯିବା ପରେ ଏକ ଆଦୃଷ୍ଟ ଝରଣାର ଅସ୍ତିତ୍ୱ ପ୍ରଦାର୍ଭୂତ ହୋଇଥିଲା । ଏତଦ୍‌ପରେ ସେହି ଝରଣା ଯୋଗୁଁ ଯାହାକୁ ଇସଲାମୀୟ ଇତିହାସରେ ଚାହେ ଜମ୍‌ଜମ୍ (ଜମ୍‌ଜମ୍ ଝରଣା) ନାମରେ ଖ୍ୟାତ ଅଟେ ଏବଂ ମକ୍କା ଉପତ୍ୟକାରେ ଅନ୍ୟ ଲୋକମାନେ ବସତି ସ୍ଥାପନ କରିବାକୁ ଲାଗିଲେ ଏବଂ ମକ୍କା ଠାରେ ଜନସଂଖ୍ୟା ଆରମ୍ଭ ହେବାକୁ ଲାଗିଲା । ଅର୍ଥାତ୍ ବୃଦ୍ଧି ପାଇବାକୁ ଲାଗିଲା । ଏହା ଉଲ୍ଲେଖ ରହିଛି ଯେ, ସେହି ସ୍ଥାନରେ ସର୍ବ ପ୍ରଥମ ବସତି ସ୍ଥାପନ କରିଥିବା ସଂପ୍ରଦାୟ ଜୁରହମ୍ ସଂପ୍ରଦାୟ ଥିଲା । ଉକ୍ତ ସଂପ୍ରଦାୟ ବନୁ କହତାନ୍ ସଂପ୍ରଦାର ଏକ ଶାଖା ଥିଲା । ଏହି ସଂପ୍ରଦାୟ ୟମନ୍‌ରୁ ଆସିଥିଲା ଏବଂ ପ୍ରଥମେ ବକ୍କାହ୍ (ମକ୍କା) ଉପତ୍ୟକାର କିଛି ଦୂରତାରେ ବାସେ କରୁଥିଲା । କିନ୍ତୁ ଯେତେବେଳେ ସେମାନଙ୍କୁ ଜମଜମ ଝରଣାର ଅସ୍ତିତ୍ୱ ସଂପର୍କରେ ଜ୍ଞାତ ହେଲା ସେତେବେଳେ ସେମାନଙ୍କର ଅଧିପତି ମଜାଜ୍ ବିନ୍ ଅମ୍ର ଜୁରହମି ହ. ହାଜ୍ରାହ୍ ଅ.ସଙ୍କୁ ଝରଣା ନିକଟରେ ଶିବିର ସ୍ଥାପନ କରିବା ନିମନ୍ତେ ଅନୁମତି ଲୋଡ଼ିଲେ । ହ. ହାଜ୍‌ରାହ୍ ଅ.ସ ଅନନ୍ଦ ସହକାରେ ଅଧିପତି ଓ ସଂପ୍ରଦାୟକୁ ଅନୁମତି ପ୍ରଦାନ କରିଦେଲେ । ଏହିପରି ଭାବରେ ଜୁରହମ୍ ସଂପ୍ରଦାୟର ଲୋକମାନେ ବକ୍କା ଉପତ୍ୟକା ଠାରେ ବାସ କଲେ ।

**ଇସ୍‌ମାଇଲ୍ ଜବିହ୍‌ଲ୍ଲାଃ:-**

ହ. ହାଜ୍ରାହ୍ ଏବଂ ହ. ଇସ୍‌ମାଇଲ୍ ଅ.ସଙ୍କୁ ମକ୍କା ଠାରେ ବସତି ସ୍ଥାପନ କରାଇବା ପରେ ହ. ଇବ୍ରାହିମ୍ ଅ.ସ ସମୟ ସମୟରେ ମକ୍କା ଆସୁଥିଲେ ଏବଂ ପୁନଶ୍ଚ ଫେରି ଯାଉଥିଲେ । ଯେତେବେଳେ ହ. ଇସ୍‌ମାଇଲ୍ ଅ.ସ କିଛି ବଡ଼ ହେଲେ ଅର୍ଥାତ କେତେକ ବର୍ଣ୍ଣନା ଦୃଷ୍ଟିରୁ ସେ 13 ବର୍ଷର ହୋଇଯାଇଥିଲେ ସେତେବେଳେ ହ. ଇବ୍ରାହିମ୍ ଅ.ସ ଏକ ସ୍ୱପ୍ନ ଦେଖିଲେ ଯେ, ସେ ହ. ଇସ୍‌ମାଇଲ୍ ଅ.ସଙ୍କୁ ଜେବହ୍ କରୁଛନ୍ତି । ଯେହେତୁ ଏପର୍ଯ୍ୟନ୍ତ ହ. ଇବ୍ରାହିମ୍ ଅ.ସଙ୍କ ଉପରେ ଏହି ଶିକ୍ଷା ଅବତୀର୍ଣ୍ଣ ହୋଇ ନଥିଲା ଯେ, ମନୁଷ୍ୟର ବଳି ପ୍ରକାଶ୍ୟ ରୂପେ ବୈଧ ନୁହେଁ ଏବଂ ଦେଶରେ ମନୁଷ୍ୟର ବଳି ଦେବାର ପ୍ରଥା ରହିଥିଲା । ତେଣୁ ହ. ଇବ୍ରାହିମ୍ ଅ.ସ ନିଜର ସ୍ୱପ୍ନକୁ ପ୍ରକାଶ୍ୟରେ ସାକାର କରିବାକୁ ଚାହିଁଲେ ଏବଂ ହ. ଇସ୍‌ମାଇଲ୍ ଅ.ସଙ୍କ ସମ୍ମୁଖରେ ଉକ୍ତ ସ୍ୱପ୍ନ ସଂପର୍କରେ ଚର୍ଚ୍ଚା କଲେ । ହ. ଇସ୍‌ମାଇଲ୍ ଅ.ସ କହିଲେ, ପିତାଶ୍ରୀ ! ଆପଣ ନିଃସନ୍ଦେହ ରୂପେ ନିଜର ସ୍ୱପ୍ନକୁ ପୂରଣ କରନ୍ତୁ, ମୁଁ ଈଶ୍ୱରଙ୍କ ଆଦେଶ ପାଳନ କରିବାକୁ ପ୍ରସ୍ତୁତ ଅଛି ।

ସୁତରାଂ ହ. ଇବ୍ରାହିମ୍ ଅ.ସ ହ. ଇସ୍‌ମାଇଲ୍ ଅ.ସଙ୍କୁ ବାହାରକୁ ନେଇଗଲେ ଏବଂ ଇସମାଇଲ୍ ଅ.ସଙ୍କୁ ଭୂମି ଉପରେ ଶୁଆଇ ଦେଇ ଜେବହ୍ କରିବା ନିମନ୍ତେ ପ୍ରସ୍ତୁତ ହୋଇଗଲେ । ବିଶ୍ୱସ୍ତ ପୁତ୍ର ନିରବତା ଏବଂ ଆନନ୍ଦ ସହକାରେ ନିଜର ବେକକୁ ପିତାଶ୍ରୀଙ୍କ ସମ୍ମୁଖରେ ରଖିଦେଲା । ସେହି ସମୟଟି ଖୁବ୍ ନିକଟବର୍ତ୍ତୀ ଥିଲା ଯେ, ହ. ଇବ୍ରାହିମ୍ ଅ.ସ ସନ୍ତାନ ବେକରେ ଛୁରୀ ଚଳାଇ ଦେଇଥାଆନ୍ତେ, କିନ୍ତୁ ସେତେବେଳେ ଈଶ୍ୱର ଦୂତ ଡାକ ଦେଲେ ଯେ, ହେ ଇବ୍ରାହିମ୍ ! ତୁମ୍ଭେ ନିଜ ତରଫରୁ ସ୍ୱପ୍ନକୁ ସାକାର କରି ଦେଇଛ । ବର୍ତ୍ତମାନ ଇସମାଇଲ୍ ଅ.ସଙ୍କୁ ଛାଡ଼ି ତାଙ୍କ ସ୍ଥାନରେ ଏକ ଖାସି ଧରି ଈଶ୍ୱରଙ୍କ ମାର୍ଗରେ ବଳିଦାନ ଦେଇଦିଅ । କାରଣ ପ୍ରକାଶ୍ୟରେ ଏହା ହିଁ ତା'ର ପ୍ରତୀକ ଅଟେ । କିନ୍ତୁ ସ୍ୱପ୍ନର ଯେଉଁ ପ୍ରକୃତ ମର୍ମ ତଥା ଉଦ୍ଦେଶ୍ୟର ରହିଥିଲା ତାହା ଅନ୍ୟ ରୂପରେ ସାକାର (ପୂରଣ) ହେବ ।

ସୁତରାଂ ହ. ଇବ୍ରାହିମ୍ ଅ.ସ ଏହିପରି ହିଁ କଲେ ଏବଂ ତାହାଙ୍କ ସ୍ମୃତିରେ ମୁସଲମାନମାନଙ୍କ ମଧ୍ୟରେ ହଜ୍ ଅବସରରେ କୁର୍ବାନୀ (ଜୀବର ବଳିଦାନ) ଦେବାର ପ୍ରଥା ସ୍ଥାପିତ (ପ୍ରଚଳନ) ହେଲା । ଏହି ସ୍ୱପ୍ନର ପ୍ରକୃତ ଉଦ୍ଦେଶ୍ୟ ସଂପର୍କରେ ମତପାର୍ଥକ୍ୟ ରହିଛି । କିନ୍ତୁ ଆମ ନିକଟରେ ସଠିକ୍ ଅର୍ଥ ଏହା ହିଁ ଯଥାର୍ଥ ଅଟେ । ଏହା ସାଂସାରିକ ଦୃଷ୍ଟିରୁ ଜୀବନର ଅନ୍ତ କରିଦୋବର ବିପରୀତ ଅଟେ । ସୁତରାଂ ଆମେମାନେ ଦେଖୁ ଯେ, ହ. ଇସ୍‌ମାଇଲ୍ ଅ.ଙ୍କୁ ମକ୍କାରେ ବସତି ସ୍ଥାପନ କରିବାର ଅଭିପ୍ରାୟ ଏହା ଥିଲା ଯେ, କାଆବତୁଲ୍ଲାଃର ନିର୍ମାଣ ହେଉ ଓ କାଆବର ସେବା ତଥା ଏକେଶ୍ୱରବାଦ ସ୍ଥାପନ ସକାଶେ ହ. ଇସ୍‌ମାଇଲ୍ ଅ.ସଙ୍କ ଜୀବନ ଉତ୍ସର୍ଗ ହୋଇଯାଉ ଏବଂ ପୁନଶ୍ଚ ଯେତେବେଳେ ଯୁଗାନୁକ୍ରମେ ପିତୁଳା ପୂଜା ଏକେଶ୍ୱରବାଦ ଉପରେ ବିଜୟ ପ୍ରାପ୍ତ କରିନେଲା ସେତେବେଳେ ସେହି ପବିତ୍ର ସ୍ୱପ୍ନ ନିର୍ମାଣରେ ଈଶ୍ୱର ହ. ଇସ୍‌ମାଇଲ୍ ଅ.ସଙ୍କ ବଂଶଧରରେ ମୁହମ୍ମଦ୍ ସ.ଅଙ୍କ ଅସ୍ତିତ୍ୱକୁ ସୃଷ୍ଟି କଲେ । ସେ ଅର୍ଥାତ୍ ହ. ଇସ୍‌ମାଇଲ୍ ଅ.ସ ସହିତ ଥିବା ନିଜ **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ପୃ-10 ରେ ବର୍ଣ୍ଣିତ ସିରତ୍ ଖାତମୁନ୍ ନବୀୟିନର ଅବଶିଷ୍ଟାଂଶ.....

ଲୋକମାନଙ୍କ ସହିତ ଏକେଶ୍ୱରବାଦର ପ୍ରଚାର ପ୍ରସାର ନିମନ୍ତେ ନିଜର ଜୀବନକୁ ପ୍ରକୃତ ଅର୍ଥରେ ଉତ୍ସର୍ଗ କରିଦେଲେ । ଏ ହେଉଛି ସେହି ମହା ଜେବହ୍ (ମହାନ ବଳିଦାନ) ଯାହା ଆଡ଼କୁ ପବିତ୍ର କୁରଆନ୍ କରୀମ୍‌ରେ ଇଙ୍ଗିତ କରାଯାଇଛି । ଅର୍ଥାତ୍ ଆମ୍ଭେ (ଅଲ୍ଲାଃତାଲା) ଇସ୍ମାଇଲ୍ ଅ.ସଙ୍କ ମହାନ ପ୍ରକାଶ୍ୟ କୁର୍ବାନୀ (ବଳିଦାନ) ବଦଳରେ ଏକ ଭବ୍ୟ ତଥା ମହାନ୍ କୁର୍ବାନୀ (ବଳିଦାନ) ଧାର୍ଯ୍ୟ କରିଦେଲୁ ଓ ହଜ୍ ଅବସରରେ ଜୀବମାନଙ୍କର ବଳିଦାନ ଦେବାର ପ୍ରଥା ମଧ୍ୟ ମୁସଲମାନମାନେ ସେହି ପବିତ୍ର ସ୍ମୃତିକୁ ସତେଜ ରଖିବା ନିମନ୍ତେ ଉଦ୍ଦିଷ୍ଟ ଅଟେ । ତେଣୁ ସେମାନଙ୍କୁ ନିଜ ଜୀବନକୁ ଉତ୍ସର୍ଗ କରିବା ନିମନ୍ତେ ସର୍ବଦା ପ୍ରସ୍ତୁତ ତଥା ତତ୍ପର ରହିବା ଉଚିତ୍ । **(ଅବବଶିଷ୍ଟାଂଶ..... ପରବର୍ତ୍ତୀ ସଂଖ୍ୟାରେ) (ସିରତ୍ ଖାତମୁନ୍ ନବୀୟିନ୍, ପୃ-65-68, ପ୍ରକାଶନ ସ୍ଥାନ-କାଦିୟାନ୍, 2006 ମସିହା)**

☆☆☆

## ବିଗତ ସଂଖ୍ୟା-22, ପୃ-11ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

(30) بِسۡمِ اللّٰہِ الرَّحۡمٰنِ الرَّحِیۡمِ ବିନୀତ କହୁଛି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଅଭ୍ୟାସ ଥିଲା ଯେ, ଆପଣ ଅ.ସ ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ୱପ୍ନକୁ ଧ୍ୟାନର ସହିତ ଶୁଣୁଥିଲେ ଏବଂ ବେଳେବେଳେ ନୋଟ୍ (ଲେଖି ନେଉଥିଲେ) ମଧ୍ୟ କରି ନେଉଥିଲେ। ସୁତରାଂ ଏକଦା ମିର୍ଜା କମାଲୁଦ୍ଦୀନ୍ ଇତ୍ୟାଦି ବ୍ୟକ୍ତିମାନେ ଯେତେବେଳେ ମସ୍‌ଜିଦ୍ ତଳର କାନ୍ଥ ଉଠାଇ ରାସ୍ତା ବନ୍ଦ କରିଦେଲେ ଏବଂ ଅହମଦିମାନଙ୍କୁ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ଆପଣଙ୍କୁ ବାଧ୍ୟ ହୋଇ ଆଇନ୍‌ର ସାହଯ୍ୟ ନେବାକୁ ପଡ଼ିଥିଲା। (ଇତ୍ୟବସର ବ୍ୟତୀତ ଆପଣ ଅ.ସ କେବେ ବି କାହା ବିରୁଦ୍ଧରେ ସ୍ୱୟଂ ମକଦ୍ଦମା ଦାଏର୍ କରି ନଥିଲେ) । ମୁଁ ସ୍ୱପ୍ନ ଦେଖିଲି ଯେ, ସେହି କାନ୍ଥକୁ ଖସାଇ ଦିଆଯାଉଛି ଏବଂ ମୁଁ ସେହି କାନ୍ଥର ଭଗ୍ନାବଶେଷ ଉପର ଦେଇ ଅତିକ୍ରମ କରୁଛି। ମୁଁ ଆପଣ ଅ.ସଙ୍କ ନିକଟରେ ଉକ୍ତ ସ୍ୱପ୍ନ ବର୍ଣ୍ଣନା କଲି । ଆପଣ ଅ.ସ ଅତ୍ୟନ୍ତ ଧ୍ୟାନପୂର୍ବକ ମୋ କଥାକୁ ଶୁଣିଲେ ଏବଂ ନୋଟ୍ ମଧ୍ୟ କଲେ । ମୁଁ ସେତେବେଳେ ପୂରାପୂରି ବାଳକଟିଏ ଥିଲି ।

(31) بِسۡمِ اللّٰہِ الرَّحۡمٰنِ الرَّحِیۡمِ ବିନୀତ କହି ଦେଉଛି ଯେ, 1905 ମସିହାରେ ଏକ ଭୂମିକମ୍ପ ଆସିଥିଲା ଏବଂ ଆପଣ ଅ.ସ ନିଜର ଉଦ୍ୟାନରେ ଅବସ୍ଥାନ କରିବା ନିମନ୍ତେ ଚାଲି ଯାଇଥିଲେ । ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବଙ୍କର ସୁପୁତ୍ର ମୁହମ୍ମଦ୍ ମନଜୁର୍ ଯେକି ସେତେବେଳେ ବା ସେହି ଦିନମାନଙ୍କର ଛୋଟ ପିଲାଥିଲେ, ସେ ସ୍ୱପ୍ନରେ ଦେଖିଲେ ଯେ, ଅନେକ ଖାସିମାନଙ୍କୁ ଜେବହ୍ କରାଯାଉଛି । ହ. ସାହେବଙ୍କୁ ଏହି ଖବରଟି ଯେତେବେଳେ ପହଞ୍ଚିଲା ସେତେବେଳେ ଆପଣ ଅନେକ ଛେଳୀ ମଗେଇଲେ ଏବଂ ସଦ୍‌କା କରାଇଦେଲେ ଓ ହ. ସାହେବଙ୍କ ଆଜ୍ଞାବହତ୍ୱରେ ଅନେକ ଲୋକମାନେ ମଧ୍ୟ ଏପରି କଲେ ମୋର ଏହି ଧାରଣା ରହିଛି ଯେ, ସେତେବେଳେ ଉଦ୍ୟାନରେ 100ରୁ ଉର୍ଦ୍ଧ୍ୱ ଖାସିମାନଙ୍କୁ ଜେବହ୍ କରାଯାଇଥିବ ।

(32) بِسۡمِ اللّٰہِ الرَّحۡمٰنِ الرَّحِیۡمِ ବିନୀତ କହି ଦେଉଛି ଯେ, ଯେତେବେଳେ 1905 ମସିହାରେ ଭୂମି କମ୍ପ ହେଲା ସେତେବେଳେ ମୁଁ 5 ବର୍ଷ ବୟସର ବାଳକଟିଏ ଥିଲି ଓ ନୱାବ୍ ମୁହମ୍ମଦ୍ ଅଲୀ ଖାନ୍ ସାହେବଙ୍କ ସହରସ୍ଥ ବାସ ଭବନ ସହିତ ସଂଲଗ୍ନ ହ. ସାହେବଙ୍କ ବାସ ଭବବନର ଯେଉଁ ଭାଗ ରହିଛି ତହିଁରେ ଆମେମାନେ ଅନ୍ୟ ପିଲାମାନଙ୍କ ସହିତ ଖଟ ଉପରେ ଶୋଇଥିଲୁ । ଯେତେବେଳେ ଭୂମିକମ୍ପ ଉଠିଲୁ ଏବଂ ଆମେମାନଙ୍କୁ କିଛି ଜଣା ନଥିଲା ଯେ, ଏଇଟା କ'ଣ ହେଉଛି ? ଆମେମାନେ ଅଗଣାକୁ ଯେତେବେଳେ ଆସିଲୁ ସେତେବେଳେ ଆମମାନଙ୍କ ଉପରେ ଛୋଟ ଛୋଟ ପଥର ଗୁଣ୍ଡର ବୃଷ୍ଟିପାତ ହେଉଥିଲା । ଆମେମାନେ ବଡ଼ ବାସ ଭବନ ଆଡ଼କୁ ଧାଇଁ ଆସିଲୁ। ସେଠାରେ ହ. ମସିହ୍ ମଉଦ୍ ଅ.ସ ଏବଂ ମାତାଶ୍ରୀ ଘର ଭିତରକୁ ବାହାରକୁ ବାହାରୁଥିଲେ । ଆମେମାନେ ଯିବା ମାତ୍ରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଧରି ପକାଇଲୁ ଏବଂ ଆପଣ ଅ.ସଙ୍କୁ ଜାବୁଡ଼ି ଧରିନେଲୁ । ଆପଣ ଅ.ସ ସେତେବେଳେ ଘାବରେଇ ଯାଇଥିଲେ ଏବଂ ବଡ଼ ପ୍ରାଙ୍ଗଣ ଆଡ଼କୁ ଯିବାକୁ ଚାହୁଁଥିଲେ । କିନ୍ତୁ ଚାରିପଟୁ ପିଲାମାନେ ଆପଣ ଅ.ସଙ୍କୁ ଜାବୁଡ଼ି ଧରି ରଖିଥିନଲେ ଏବଂ ମାତାଶ୍ରୀ ମଧ୍ୟ । କେହି ଏପଟେ ଆପଣ ଅ.ସଙ୍କୁ ଟାଣୁଥିଲା ତ' ଆଉ କେହି ଅନ୍ୟ ଆଡ଼କୁ ଆପଣ ଅ.ସଙ୍କୁ ଟାଣୁଥିଲା। ଆପଣ ଅ.ସ ସମସ୍ତଙ୍କ ମଝିରେ ଥିଲେ । ପରିଶେଷରେ ବଡ଼ କଷ୍ଟେମଷ୍ଟେ ଆପଣ ଏବଂ ଆପଣଙ୍କ ସହିତ ଚିମୁଟି ଯାଇଥିବା ସମସ୍ତ ପିଲାମାନେ ବଡ଼ ପ୍ରାଙ୍ଗଣ ଠାରେ ପହଞ୍ଚିଲୁ । ସେତେବେଳକୁ ଭୂମିକମ୍ପର ଝଟକା ମଧ୍ୟ ଦୁର୍ବଳ ହୋଇ ସାରିଥିଲା । କିଛି ସମୟରେ ଆପଣ ଅ.ସ ଆମମାନଙ୍କୁ ଧରି ନିଜର ଉଦ୍ୟାନ ମଧକୁ ଚାଲିଗଲେ । ଅନ୍ୟ ସଦସ୍ୟବୃନ୍ଦମାନେ ମଧ୍ୟ ନିଜ ନିଜର ଜିନିଷ ପତ୍ର ଧରି ଉଦ୍ୟାନ ମଧ୍ୟରେ ପହଞ୍ଚିଗଲେ । ସେଠାରେ ଆବଶ୍ୟକତା ଅନୁଯାୟୀ କିଛି କଚ୍ଚା ଘର ମଧ୍ୟ ପ୍ରସ୍ତୁତ କରି ନିଆଯାଇଥିଲା ଏବଂ କିଛି ଶିବିର ମଧ୍ୟ ବରାଦ୍ କରାଯାଇଥିଲା ଏବଂ ପୁନଶ୍ଚ ଆମେମାନେ ସମସ୍ତେ ଏକ ଦୀର୍ଘ କାଳ ପର୍ଯ୍ୟନ୍ତ ଉଦ୍ୟାନରେ ଅବସ୍ଥାନ କଲୁ । ସେହି ଦିନମାନଙ୍କରେ ମାଦ୍ରାସାର କ୍ଲାସ୍ ମଧ୍ୟ ସେହିଠାରେ ଲାଗୁଥିଲା । ଅର୍ଥାତ୍ ଉଦ୍ୟାନରେ ଏକ ସହର ବସତି ସ୍ଥାପନ ହୋଇ ଯାଇଥିଲା । ଅଲ୍ଲାଃ ଅଲ୍ଲାଃ (ହେ ଭଗବାନ୍) କି ଯୁଗ ଥିଲା ?

(33) بِسۡمِ اللّٰہِ الرَّحۡمٰنِ الرَّحِیۡمِ କାଜି ଅମୀର୍ ହୁସୈନ୍ ସାହେବ ମୋ ସମ୍ମୁଖରେ ବର୍ଣ୍ଣନା କଲେ ଯେ, ମୁଁ ପ୍ରଥମେ ଉକ୍ତ କଥା ମାନୁଥିଲି ଯେ, ଯାତ୍ରାରେ କସର୍ ନମାଜ୍ ସାଧାରଣ ପରିସ୍ଥିତିରେ ବୈଧ ନୁହେଁ । ବରଂ କେବଳ ଯୁଦ୍ଧ ପରିସ୍ଥିତିରେ ଉପଦ୍ରବ କିମ୍ବା ଭୟ ସମୟରେ ହିଁ କସର୍ ନମାଜ୍ ପାଠ କରିବା ବୈଧ ଅଟେ । ଏ ପ୍ରସଙ୍ଗରେ ମୁଁ ମୌଲବୀ ସାହେବ (ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ)ଙ୍କ ସହିତ ବିତର୍କ କରୁଥିଲି। କାଜି ସାହେବ ବର୍ଣ୍ଣନା କଲେ ଯେ, ଯେଉଁ ଦିନମାନଙ୍କର ହ. ମସିହ୍ ମଉଦ୍ ଅ.ସଙ୍କ ଗୁର୍ଦାସପୁର ଠାରେ ମକଦ୍ଦମା ଥିଲା, ସେତେବେଳେ ମୁଁ ଏକଦା ସେଠାକୁ ମଧ୍ୟ ଯାଇଥିଲି। ହୁଜୁର୍ ଅ.ସଙ୍କ ସହିତ ସେଠାରେ ହ. ମୌଲବୀ ସାହେବ (ଖଲିଫା ଅୱଲ୍) ଏବଂ ମୌଲବୀ ଅବଦୁଲ୍ କରୀମ୍ ସାହେବ ର.ଅ ମଧ୍ୟ ଥିଲେ । କିନ୍ତୁ ଜୋହୋର୍ ନମାଜ୍‌ର ସମୟ ଯେତେବେଳେ ଆସିଲା ସେତେବେଳେ ଆପଣ ଅ.ସ ମୋତେ କହିଲେ, କାଜି ସାହେବ ! ଆପଣ ନମାଜ ପାଠ କରନ୍ତୁ । ମୁଁ ମନରେ ଦୃଢ ସଂକଳ୍ପ କଲି ଯେ, ଆଜି ମୋତେ ସୁଯୋଗ ମିଳିଛି ମୁଁ ଆଜି ନମାଜ୍ କସର୍ କରିବି ନାହିଁ । ବରଂ ସଂପୂର୍ଣ୍ଣ ନମାଜ୍ ପାଠ କରିବି । କାରଣ ଏପରି କରିବା ଦ୍ୱାରା ସେହି ସମସ୍ୟା ଅର୍ଥାତ୍ କସର୍ ନମାଜ୍ ସଂପର୍କରେ ଯେଉଁ ସମସ୍ୟା ରହିଛି ତାହାର ନିର୍ଣ୍ଣୟ ହୋଇଯିବ । କାଜି ସାହେବ ବର୍ଣ୍ଣନା କରନ୍ତି ଯେ, ମୁଁ ଏହି ଉଦ୍ଦେଶ୍ୟ ରଖି ହାତ ଉପରକୁ ଉଠାଇ ନଥିଲି କି ହୁଜୁର୍ ଅ.ସ ମୋ ପଛ ପଟେ ଡାହାଣ ପାର୍ଶ୍ୱରେ ଛିଡ଼ ହୋଇଥିଲେ, ଆପଣ ଅ.ସ ତୁରନ୍ତ ପାଦ ଆଗକୁ ବଢାଇ ମୋ କାନ ପାଖରେ ମୁହଁ କରି କହିଲେ, କାଜି ସାହେବ! ଦୁଇ ରେକାତ୍ ହିଁ ପାଠ କରିବେ ? ମୁଁ କହିଲି, ହଁ ହଁ ହୁଜୁର୍ ଦୁଇ ରେକାତ୍ ହିଁ ପାଠ କରିବି । ବାସ୍ ସେହି ସମୟରୁ ହିଁ ସମସ୍ୟାର ସମାଧାନ ହୋଇଗଲା ଏବଂ ମୁଁ ନିଜର ଧାରଣାକୁ ପରିତ୍ୟାଗ କରିଦେଲି ।

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ପୃ-20-25 , ପ୍ରକାଶନ ସ୍ଥାନ-କାଦିୟାନ୍)**

(34) بِسۡمِ اللّٰہِ الرَّحۡمٰنِ الرَّحِیۡمِ କାଜି ଅମୀର୍ ହୁସୈନ୍ ସାହେବ ମୋତେ କହିଲେ, ମୋର ପ୍ରଥମ ପତ୍ନିରୁ ଯେଉଁ ପୁତ୍ର ସନ୍ତାନ ଜାତ ହୋଇଥିଲା ତାହାର ମୃତ୍ୟୁ ଘଟିଛି । ତା' ମା ରୋଦନ ଏବଂ ଚିତ୍କାର କରୁଛି ଓ ମୋ ପତ୍ନିର ମାତାଶ୍ରୀ ଅର୍ଥାତ ପିଲାର ଆଈ ମଧ୍ୟ ଏପରି ଆଚରଣ ପ୍ରଦର୍ଶନ କରୁଛି । ମୁଁ ସେମାନଙ୍କୁ ଅଟକାଇଲି, କିନ୍ତୁ ସେମାନେ ତହିଁରୁ ନିବୃତ୍ତ ହେଲେ ନେହିଁ । ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ସେହି ପୁତ୍ରର ଯନାଜାଃ ପାଠ କରିବା ପାଇଁ ଆସିଲେ ସେତେବେଳେ **(ଅବଶିଷ୍ଟାଂଶ....ପୃ-12ରେ)**

**କାଦିୟାନ୍ ସ୍ଥିତ ସଦର୍ ଅଞ୍ଜୁମନ ଅହମଦିୟା, ଅଞ୍ଜୁମନ୍ ତେହରିକେ ଜଦିଦ୍, ଅଞ୍ଜୁମନ୍ ୱକଫେ ଜଦିଦ୍, ଜେଲି ତନ୍‌ଜିମାତ୍ ଅନୁଷ୍ଠାନମାନଙ୍କରେ ସହାୟକ/ ମାଳି କାର୍ଯ୍ୟ/କେୟାର୍ ଟେକର୍/ଚୌକିଦାର/ରୋଷେୟା/ନାନ୍ ବାଇ/ ଖାଦିମ୍ ମସ୍‌ଜିଦ୍ ଇତ୍ୟାଦି ଚତୁର୍ଥ ଶ୍ରେଣୀୟ କର୍ମଚାରୀମାନଙ୍କର ଆବଶ୍ୟକତା ରହିଛି**

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 40 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଉକ୍ତ ଘୋଷଣାର 2 ମାସ ମଧରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀକୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା କରିବାକୁ ପଡ଼ିବ। ଯେଉଁ ପ୍ରାର୍ଥୀମାନେ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀକୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀମାନେ ନିଜେ ବହନ କରିବେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସଂପର୍କରେ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ,
ପିନ୍ କୋଡ୍-143516,
ମୋବାଇଲ୍ ନଂ: 09888232530, 09682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ କବିରର ଅବଶିଷ୍ଟାଂଶ

କହିଲେ, ଆରବ୍ୟମାନଙ୍କର ଏହି ପ୍ରଥା ରହିଥିଲା ଯେ, ଯେତେବେଳେ ସେମାନେ ହଜର କର୍ମକାଣ୍ଡ ସାରି ଦେଉଥିଲେ ସେତେବେଳେ ସେମାନେ ତିନି ଦିନ ପର୍ଯ୍ୟନ୍ତ ମିନା ଠାରେ ଏକ ସଭାର ଆୟୋଜନ କରି ନିଜ ପିତୃପିତାମହ (ବାପ ଅଜା)ମାନଙ୍କର କୃତ୍ୟ ସଂପର୍କରେ ବର୍ଣ୍ଣନା କରୁଥିଲେ ଏବଂ ନିଜ ସଂପ୍ରଦାୟର ସାହସିକତାର ଖ୍ୟାତି ଓ ଉଦାରତାର ପ୍ରଶଂସାରେ ପ୍ରଶଂସାଗୀତି ପାଠ କରୁଥିଲେ । ଅଲ୍ଲାଃତାଲା କୁହନ୍ତି ଯେ, ସେହି ଲୋକମାନେ ତ' ନିଜ ବାପ ଅଜାଙ୍କ ପ୍ରଶଂସାରେ ପ୍ରଶଂସା ଗୀତି ଗାନ କରୁଥିଲେ । କିନ୍ତୁ ଆମ୍ଭେ ତୁମ୍ଭମାନଙ୍କୁ ଏହି ନିର୍ଦ୍ଦେଶ ଦେଉଛୁ ଯେ, ଯେତେବେଳେ ତୁମ୍ଭେମାନେ ହଜର ଉପାସନା ଶେଷ କରିନିଅ ସେତେବେଳେ ତୁମ୍ଭେ ଈଶ୍ୱରଙ୍କୁ ଏପରି ସ୍ମରଣ କର ଯେପରି ତୁମ୍ଭେମାନେ ନିଜର ବାପ ଅଜାମାନଙ୍କୁ ସ୍ମରଣ କରୁଥିଲ । ଅର୍ଥାତ୍ ଯେପରି ଏକ ଛୋଟ ଶିଶୁ ନିଜ ମା ଠାରୁ ପୃଥକ୍ ହୋଇଯାଇଥାଏ ସେତେବେଳେ ସେ ରୋଦନ ଏବଂ ବିଳାପ କରି କହିଥାଏ ଯେ, ମୁଁ ମୋ ମା ପାଖକୁ ଯିବି । ଠିକ୍ ଏହିପରି ଭାବରେ ତୁମ୍ଭେମାନେ ମଧ୍ୟ ବାରମ୍ବାର ଅଲ୍ଲାଃତାଲାଙ୍କ ଚର୍ଚ୍ଚା କର । କାରଣ ତାହାଙ୍କ ପ୍ରେମ ତୁମ୍ଭର ଶିରା ପ୍ରଶିରାରେ ପ୍ରବିଷ୍ଟ ହୋଇଯାଉ । ଈଶ୍ୱର ଏକ ବିଶ୍ୱ ବ୍ରହ୍ମାଣ୍ଡ (ପଛକୁ ଅତି ପଛକୁ ଅର୍ଥାତ୍ ଲୁକ୍କାୟିତ) ଅସ୍ତିତ୍ୱ ଅଟନ୍ତି । ତାହାଙ୍କ ସୌନ୍ଦର୍ଯ୍ୟ ସିଧା ସଳଖ ମନୁଷ୍ୟ ସମ୍ମୁଖକୁ ଆସି ନଥାଏ, ବରଂ ଅନେକ ମାଧ୍ୟମ ମଧ୍ୟ ଦେଇ ଆସିଥାଏ। ଯଦି ତାହାଙ୍କର ସୌନ୍ଦର୍ଯ୍ୟକୁ ଅସ୍ତିତ୍ୱ ଶବ୍ଦରେ (ରୂପରେ) ପ୍ରକାଶ କରାଯାଏ ଏବଂ ପୁନଶ୍ଚ ଆମେମାନେ ତାହା ଉପରେ ବିଚାର ତଥା ଚିନ୍ତା କରୁ ତେବେ ଧୀରେ ଧୀରେ ଅର୍ଥଗତ ରୂପେ ତାହାଙ୍କର ଅସ୍ତିତ୍ୱଗତ ମୁଖ ଆମମାନଙ୍କ ସମ୍ମୁଖରେ ଚାଲି ଆସିଥାଏ। ଯଦି ତୁମେମାନେ ମାଲିକର ନାମ ନିଅ ଏବଂ ତାହାଙ୍କୁ ମସ୍ତିଷ୍କ ମଧ୍ୟକୁ (ପରିସର ମଧ୍ୟକୁ) ଆଣ ତେବେ ଏହା ଅନିର୍ବାର୍ଯ୍ୟ ଯେ, ଧୀରେ ଧୀରେ ଈଶ୍ୱରଙ୍କ ଏକ ସଂପୂର୍ଣ୍ଣ ଅବଧାରଣା ତୁମମାନଙ୍କ ସମ୍ମୁଖକୁ ଚାଲି ଆସିବ । ପ୍ରେମ ନିମନ୍ତେ ଏହା ଆବଶ୍ୟକ ହୋଇଥାଏ ଯେ, ପ୍ରିୟତମର କୌଣସି ଅସ୍ତିତ୍ୱ ଦୃଷ୍ଟି ସମ୍ମୁଖରେ ହେବା ଉଚିତ୍ କିମ୍ବା ତାହାଙ୍କ ଛବି ଦୃଷ୍ଟି ସମ୍ମୁଖରେ ରହିବା ଉଚିତ୍ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ନିଜର ଏକ କବିତାରେ ଏହାର ସତ୍ୟତା ଓ ବାସ୍ତବତାର ପରିପ୍ରକାଶ କରି କୁହନ୍ତି:

دیدار گر نہیں ہے تو گفتار ہی سہی
حسن و جمال یار کے آثار ہی سہی

ଅର୍ଥାତ୍ ଯଦି ପ୍ରିୟତମ ସ୍ୱୟଂ ସମ୍ମୁଖକୁ ଆସୁ ନାହିଁ ତେବେ ତା'ର ସ୍ୱର ତ' ଅନ୍ତତଃ ଶୁଭୁ ଓ ତା'ର ସୌନ୍ଦର୍ଯ୍ୟର କୌଣସି ନିଦର୍ଶନ ଅନ୍ତତଃ ଦୃଶ୍ୟମାନ ହେଉ ।

ଅତଏବ୍ ପାଳନକର୍ତ୍ତା, ଅଶେଷ ଦୟାବାନ୍, ସଦା କରୁଣାମୟ, ବିଚାର ଦିବସ ପ୍ରଭୁ, ସମ୍ରାଟ୍, ଦୋଷ ଲୁଚାଇଲା ବାଲା, ଦୋଷମୁକ୍ତ, ପବିତ୍ର, ରକ୍ଷକ (ନିରୀକ୍ଷକ, ସାକ୍ଷ୍ୟ), ଶାନ୍ତି ପ୍ରଦାୟକ ଓ ସମସ୍ତଙ୍କର ତତ୍ତ୍ୱାବଧାରକ, ପରାକ୍ରମୀ, ଭଗ୍ନ ହୃଦୟକୁ ସଂଯୁକ୍ତକାରୀ ପ୍ରଭୁ, ମହାମହିମମୟ । ସେହିପରି ଯେତେବେଳେ ଆମ ନିଜ ମନ ମସ୍ତିଷ୍କରେ ଗୋଟିଏ କଥା ବସା ବାନ୍ଧି ନେଇଥାଉ ସେତେବେଳେ ଈଶ୍ୱରଙ୍କ ଏକ ଛବି ଆମ ସମ୍ମୁଖରେ ଉପସ୍ଥାପିତ ହୋଇଯାଇଥାଏ ଏବଂ ତା' ଫଳରେ ଆମମାନଙ୍କର ମନରେ ତାହାଙ୍କ ପ୍ରେମ ସୃଷ୍ଟି ହୋଇଯାଇଥାଏ । ଅଲ୍ଲାଃତାଲାଙ୍କର ବିଶିଷ୍ଟ ଗୁଣାବଳୀ ବାରମ୍ବାର ତଥା ଅହରହ ପୁନରାବୃତ୍ତି କରିବା ଫଳରେ ଅଲ୍ଲାତାଲାଙ୍କ ଛବି ମନରେ ସୃଷ୍ଟି ହୋଇଥାଏ ଏବଂ ସେହି ଛବି ଯୋଗୁଁ ଆମମାନଙ୍କ ମନରେ ତାହାଙ୍କ ପ୍ରତି ପ୍ରେମ ସୃଷ୍ଟି ହୋଇଥାଏ । ତେଣୁ ଅଲ୍ଲାଃତାଲା କୁହନ୍ତି ଯେ, ଯେଉଁଭଳି ସନ୍ତାନମାନଙ୍କ ହୃଦୟରେ ନିଜର ମାତାପିତାଙ୍କୁ ଭେଟିବା ପାଇଁ ଆଗ୍ରହ ସୃଷ୍ଟି ହୋଇଥାଏ, ଠିକ୍ ସେହିପରି ତୁମମାନଙ୍କର ମଧ୍ୟ ଈଶ୍ୱରଙ୍କ ସହିତ ଆଧ୍ୟାତ୍ମିକ ସଂପର୍କ ସୃଷ୍ଟି ହେବା ଉଚିତ୍ । ଅର୍ଥାତ୍ ତୁମମାନଙ୍କର ସୁଖ ଶାନ୍ତି କେବଳ ଓ କେବଳ ଅଲ୍ଲାଃତାଲାଙ୍କ ସହିତ ସଂଶ୍ଳିଷ୍ଟ ରହିବା ଉଚିତ୍ । କାରଣ ଅଲ୍ଲାଃତାଲାଙ୍କ ନିକଟରେ (ଠାରେ) ହିଁ ତୁମମାନଙ୍କର ଆଧ୍ୟାତ୍ମିକ ଜୀବନ ନିର୍ଭରଶୀଳ ଅଟେ ।

ହୁଜୁର ର.ଅ ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ହଜ୍ ଏବଂ ଈଶ୍ୱର ଚର୍ଚ୍ଚା ଆଡ଼କୁ ଧ୍ୟାନ ଆକର୍ଷଣ କରି କହିଲେ, ବର୍ତ୍ତମାନ ତୁମମାନଙ୍କର ଈଶ୍ୱରଙ୍କ ସହିତ ଏକ ସଂଶ୍ଳିଷ୍ଟତାମୂଳକ ସଂପର୍କ ସୃଷ୍ଟି ହୋଇଯାଇଛି । ତେଣୁ ଯେପରି ଜଣେ ବାଳକ ନିଜର ମାତାପିତାଙ୍କ ଛତ୍ର ଛାୟା ତଳେ ନିଜର ଜୀବନ ଅତିବାହିତ କରିଥାଏ ଏବଂ ସେମାନଙ୍କର ଚରିତ୍ର ଏବଂ ଅଭ୍ୟାସ ନିଜ ମଧ୍ୟରେ ସୃଷ୍ଟି କରିଥାଏ । ଠିକ୍ ସେହିପରି ତୁମେମାନେ ମଧ୍ୟ ଅଲ୍ଲାଃତାଲାଙ୍କ ବିଶିଷ୍ଟ ଗୁଣାବଳୀର ଦର୍ପଣ ହେବା ଉଚିତ୍ ଓ ତାହାଙ୍କ ଦୟା ତଥା କରୁଣାର ଛତ୍ରଛାୟା ତଳେ ନିଜର ଜୀବନକୁ ଅତିବାହିତ କର ।

ହ. ଖଲିଫତୁଲ୍ ମସିହ୍ ସାନି ର.ଅ କହିଲେ, ଅଲ୍ଲାଃତାଲା କୁହନ୍ତି كَذِكْرِكُمْ اٰبَآءَكُمْ ଅର୍ଥାତ୍ ଆମେମାନେ ତୁମମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛୁ ଯେ, ତୁମେମାନେ ଈଶ୍ୱରଙ୍କୁ ଏପରି ସ୍ମରଣ କର ଯେପରିକି ତୁମେମାନେ ନିଜର ବାପ ଅଜାଙ୍କୁ ସ୍ମରଣ କରିଥାଅ (ମନେ ପକାଇଥାଅ) । କିନ୍ତୁ ଆମ୍ଭର ଏହି ଆଦେଶ କେବଳ ସେହି ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ଏପର୍ଯ୍ୟନ୍ତ ଆଧ୍ୟାତ୍ମିକତାର ସର୍ବୋଚ୍ଚ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି। ଅନ୍ୟଥା ଯେଉଁ ଲୋକମାନେ ନିଜର ମାତା ପିତାଙ୍କର ପ୍ରେମରେ ମଧ୍ୟ ଅଲ୍ଲାଃତାଲାଙ୍କ ପ୍ରେମର ହସ୍ତ ଗୁପ୍ତ ଥିବାର ଦେଖନ୍ତି ଏବଂ ଈଶ୍ୱରଙ୍କ ବିପକ୍ଷରେ ମାତାପିତାଙ୍କ ସଂପର୍କକୁ ତୁଚ୍ଛ, ହେୟ ବୋଲି ମନେକରି ଥାଆନ୍ତି, ସେମାନଙ୍କ ପକ୍ଷ ଏହା ଉଚିତ୍ କି ସେମାନେ ଏପରି ଭାବରେ ଈଶ୍ୱର ଚର୍ଚ୍ଚା କରନ୍ତୁ ଯେ, ସେମାନଙ୍କର ସାଂସାରିକ ସଂପର୍କରେ କୌଣସି ଉଦାହରଣ ଦୃଶ୍ୟମାନ ନହେଉ ଏବଂ ମାତାପିତାଙ୍କ ଚର୍ଚ୍ଚା ଏହାର ବିପରୀତ ସଂପୂର୍ଣ୍ଣ ରୂପେ ହେୟ ଓ ତୁଚ୍ଛ ହୋଇଯାଉ । **(ପ୍ରାମାଣ୍ୟ-ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-2, ତଫସିର୍, ସୁରତୁଲ୍ ବକ୍‌ରାହାର ଆୟତ୍ ସଂଖ୍ୟା-201)** ☆☆☆

## ପୃ-2 ରେ ବର୍ଣ୍ଣିତ ବିଶେଷ ଦୁଆ ଓ ଈଶ୍ୱ ଚର୍ଚ୍ଚାର ଅବଶିଷ୍ଟାଂଶ...

**(ବଡ଼ ବୟସର ଲୋକମାନେ 200 ଥର, 15-25 ବର୍ଷର ସଦସ୍ୟମାନେ ଅନ୍ତତଃ 100 ଥର ଓ ଛୋଟ ପିଲାମାନେ 33 ଥର, ତା' ଠାରୁ ଛୋଟ ପିଲାମାନେ 4 ଥର ଅଭିଭାବକମାନଙ୍କ ସହିତ ନିମ୍ନ ଲିଖିତ ଦୁଆ ପାଠ କରନ୍ତୁ)**

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ وَّاٰلِ مُحَمَّدٍ

**ଅନୁବାଦ:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର । (Holy is Allah and worthy of all praise. Holy is Allah,the Great.O Allah! bestow Your blessings on Muhammadsa and on the people of Muhammad s.a.)

☆--☆--☆

### 100 ଥର ଇସ୍ତିଗଫାର୍

اَسْتَغْفِرُ اللّٰهَ رَبِّيْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

### 100 ଥର ନିମ୍ନଲିଖିତ ଦୁଆ ପାଠ କରନ୍ତୁ

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର । (O my Lord! Everything serves You. So, O my Lord, protect me and help me and have mercy on me.)

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ବ୍ୟକ୍ତିଗତ ରୂପେ ଏବଂ ସାମୂହିକ ରୂପେ ପ୍ରତ୍ୟେକ ଦୃଷ୍ଟିରୁ ସେହି ଆଧ୍ୟାତ୍ମିକ ଦୁର୍ଗ ମଧ୍ୟରେ ପ୍ରବିଷ୍ଟ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଆମିନ୍ । ☆--☆--☆

## 131 ତମ ଜଲ୍‌ସା ସାଲାନା କାଦିୟାନ୍, ତା- 25, 26, 27 ଡିସେମ୍ବର, 2026 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 131 ତମ ଜଲ୍‌ସା ସାଲାନା କାଦିୟାନ୍ 2026 ମସିହା ନିମନ୍ତେ ତା-25, 26, 27, ଡିସେମ୍ବର 2026 ମସିହା (ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ମଞ୍ଜୁର୍ (ଅନୁମୋଦନ) କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ଆମମାନଙ୍କୁ ସେହି ସମସ୍ତ ଦୁଆର ଅଧିକାରୀ କରନ୍ତୁ । **ଆମିନ୍ ।** ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**☆☆☆

## ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 04 June 2026 Issue No. 23

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ଦୟାକରି ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଶିକ୍ଷାନୁଷ୍ଠାନ ଠାରେ ଶିକ୍ଷାବର୍ଷ: 2026-2027 ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ! (Ahmadiyya vocational training centre)

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୂଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷ ପାଇଁ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ୍ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି ।

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ତେବେ ସେମାନେ ଆଡ୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ନୂତନ ସେଶନ୍ (ଶିକ୍ଷାବର୍ଷ) 2026-27 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ ଅଗଷ୍ଟ ମାସ 1 ତାରିଖ 2026 ଠାରୁ ଆରମ୍ଭ ହୋଇଯିବ । ଅଧିକ ବିବରଣୀ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗାଯୋଗ କରନ୍ତୁ-

**darulsanaat.qadian@gmail.com,**
**9872725895, 8604024043**
**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

☆--☆--☆

## ପୃ-10 ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ

ଯନାଜାଃ ପରେ ଆପଣ ଅ.ସ ଛିଡ଼ା ହୋଇଗଲେ ଏବଂ ବହୁ ସମୟ ପର୍ଯ୍ୟନ୍ତ ଉପଦେଶ ଦେଲେ ଓ ପରିଶେଷରେ କହିଲେ, କାଜି ସାହେବ ! ଆପଣ ନିଜ ଘରେ ମଧ୍ୟ ମୋର ଏହି ଉପଦେଶ ପହଞ୍ଚାଇ ଦିଅନ୍ତୁ । ମୁଁ ଘରକୁ ଆସି ପତ୍ନିକୁ ହ. ମସିହ୍ ମଉଦ୍ ଅ.ସଙ୍କ ଉପଦେଶ ଶୁଣାଇଲି । ପୁନଶ୍ଚ ଏତଦ୍‌ପରେ ତା'ର ଦୁଇ ତିନୋଟି ପୁତ୍ର ମୃତ୍ୟୁବରଣ କଲେ । କିନ୍ତୁ ସେ ଅର୍ଥାତ୍ ପତ୍ନି ଲୁହ ଝରାଇବା ବ୍ୟତୀତ ଅନ୍ୟ କୌଣସି ପ୍ରତିକ୍ରିୟା ପ୍ରଦର୍ଶନ କଲା ନାହିଁ ।

(35) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମୌଲବୀ ଶେର୍ ଅଲୀ ସାହେବ ବର୍ଣ୍ଣନା କରନ୍ତି ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ କାଦିୟାନ୍‌ରୁ ଗୁର୍ଦାସପୁର୍ ଅଭିମୁଖେ ଯାଉଥିବା ସମୟରେ ବଟାଲା ଠାରେ ଅଟକିଲେ । ସେଠାରେ କେହି ଜଣେ ଅତିଥି ଆପଣ ଅ.ସଙ୍କ ସନ୍ଧାନରେ କାଦିୟାନ୍ ଦେଇ ବଟାଲା ଫେରି ଆସିଥିଲା । ସେହି ବ୍ୟକ୍ତି ଆପଣ ଅ.ସଙ୍କ ପାଇଁ କିଛି ଫଳ ଉପହାର ସ୍ୱରୂପ ଆଣିଥିଲା । ସେହି ଫଳମାନଙ୍କ ମଧ୍ୟରେ ଅଙ୍ଗୁର ମଧ୍ୟ ରହିଥିଲା । ଆପଣ ଅ.ସ ଅଙ୍ଗୁର ସେବନ କଲ ଏବଂ କହିଲେ, ଅଙ୍ଗୁର ମଧ୍ୟରେ ତିକ୍ତିତା ଅର୍ଥାତ ଖଟାପଣ ଥାଏ । କିନ୍ତୁ ଏହି ଖଟାପଣ ନାକରୁ ପାଣି ବହିବା ପାଇଁ କ୍ଷତିକାରକ ହୋଇ ନଥାଏ । ପୁନଶ୍ଚ ଆପଣ ଅ.ସ କହିଲେ, ବର୍ତ୍ତମାନେ ମୋର ହୃଦୟ ଅଙ୍ଗୁର ସେବନ କରିବାକୁ ଚାହୁଁଥିଲା । ତେଣୁ ଈଶ୍ୱର ମୋ ପାଇଁ ଅଙ୍ଗୁର ପ୍ରେରଣ କରିଦେଲେ।

**(ଅବଶିଷ୍ଟାଂଶ........ପରବର୍ତ୍ତୀ ସଂଖ୍ୟାରେ)**

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ** ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଆଗ୍ରହୀ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ! ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଓ ମାଦ୍ରାସାତୁଲ୍ ହିଫଜ୍ ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି....

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ ଓ ନିର୍ବାହ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ସୟେଦିନା ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ସକାଶେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ତେଣୁ ଯେଉଁ ଛାତ୍ରମାନଙ୍କର ମ୍ୟାଟ୍ରିକ୍ ପରୀକ୍ଷା କିମ୍ବା +2ର ପରୀକ୍ଷା ସମାପ୍ତ ହୋଇଯାଇଛି ଏବଂ ଯେଉଁମାନେ ଯାମିୟା ଅହେମଦିୟାରେ କିମ୍ବା ସ୍ୱଳ୍ପ ଅବଧିର ବିଶିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "**ଶୋବା ୱକ୍‌ଫେ ନଅ ଭାରତ**" (ୱକ୍‌ଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ୱକ୍‌ଫେ ନଅ ଭାରତ ସ୍ଥିତ କାର୍ଯ୍ୟାଳୟକୁ କିମ୍ବା ନଜାରତ୍ ତାଲିମ୍‌କୁ ତୁରନ୍ତ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

**(1)** ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଉଚିତ୍ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ । **(2)** ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ । **(3)** ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ । **(4)** ବିବାହିତ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ପାଇଁ ସମୟ ସୀମା ଅଢେଇ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ଯହିଁରେ ଦୁଇ ବର୍ଷ ଅର୍ଥାତ୍ 24 ମାସ ପାଠପଢ଼ା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଅପରପକ୍ଷେ ମ୍ୟାଟ୍ରିକ/+2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ସ୍ୱଳ୍ପ ଅବଧି ବିଶିଷ୍ଟ ମୁଅଲ୍ଲିମ୍ କୋର୍ସ ପାଇଁ ସାଢେ 3 ବର୍ଷ ଧାର୍ଯ୍ୟ ହୋଇଛି । ଯହିଁରେ 3 ବର୍ଷ ପାଠ ପଢ଼ା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । **(5)** ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବା ନିମନ୍ତେ ନିମ୍ନରେ ଠିକଣା ପ୍ରଦାନ କରାଗଲା ।

waqfenau@qadian.in

**WAQF-E-NAU DEPARTMENT (NAZARAT TALEEM) Darul Balagh, CIVIL LINE , QADIAN, DISTRICT: GURDASPUR, PUNJAB (INDIA) PIN: 143516, CONTACT: 01872-500975, 9988891775**

(ସଦର୍ ନ୍ୟାସନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan